ପ୍ରତିଶ୍ରୁତ ମସିହଙ୍କ ରଚନାରୁ

# ନିର୍ବାଚିତ ନୀତିବାଣୀ



The writings of the Promised Messiah, Mirza Ghulam Ahmad (peace be upon him), elucidate many of Islam's teachings. This book contains excerpts of his writings with topics ranging from Allah to life after death.

SELECTED WRITINGS OF THE PROMISED MESSIAH[AS]
(in Odiya)

# ନିର୍ବାଚିତ ନୀତିବାଣୀ

## ପ୍ରତିଶ୍ରୁତ ମସିହଙ୍କ ରଚନାରୁ

# ନିର୍ବାଚିତ ନୀତିବାଣୀ

(**Muntakhib Tehriraa**t)

(ପ୍ରତିଶ୍ରୁତ ମସିହ ଓ ମେହଦୀ ହଜରତ ମିର୍ଜା ଗୁଲାମ ଅହମଦ୍[ଅସ]ଙ୍କ ରଚନାରୁ)

ଭାଷାନ୍ତର : ଅବଦୁଲ କାଦର ଖାନ୍

ସମୀକ୍ଷା : ଇଂ. ରୌଶନ ଖାନ୍

(c)  ISLAM INTERNATIONAL PUBLICATIONS LTD.

*Published by*
Nazarat Nashro Ishaat
Sadr Anjuman Ahmadiyya, Qadian
Dist Gurdaspur, Punjab-143516

First Published in India : 1988
Revised Edition in Odia : 2019
(1000 Copies)

*Printed at*
Fazle Umar Printing Press
Qadian, Distt. Gurdaspur, Punjab - 143516

**ISBN :**

No part of this  publication may be reproduced in any from or by any means without prior written permission from the  publisher.

# ବିଶ୍ୱବ୍ୟାପ୍ତ ଅହମଦିୟା ସମ୍ପ୍ରଦାୟର ଶତବାର୍ଷିକୀ ମହୋତ୍ସବ ଉପଲକ୍ଷେ

ଏକେଶ୍ୱରବାଦ ମନ୍ତ୍ରର ପ୍ରଚାର ଓ ତାହାକୁ ପ୍ରେମ କରିବା ଅପରାଧରେ ଗୁରୁତର ଶାସ୍ତି ଓ ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ତଥା ଅଲ୍ଲାହଙ୍କ ଉଦ୍ଦେଶ୍ୟରେ ଶହିଦ୍ ହେଉଥିବା ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ବିଲାଲ*ଙ୍କ ସଦୃଶ ଅହମଦୀ ମୁସଲମାନମାନଙ୍କ ତରଫରୁ ଏକ ଶୁଦ୍ଧପୂତ ଉପହାର ।

* ବିଲାଲ[ରଅ] ଥିଲେ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କର ଅନ୍ୟତମ ସହଚର । ଇସଲାମ ଧର୍ମ ଗ୍ରହଣ କରୁଥିବା ହେତୁ ସେ ଚରମ ନିର୍ଯାତନା ଓ ଅତ୍ୟାଚାରର ଶରବ୍ୟ ହୋଇଥିଲେ ମଧ୍ୟ ଏକେଶ୍ୱରବାଦର ପରିହାର ଅପେକ୍ଷା ମୃତ୍ୟୁ ବରଣ କରିବାକୁ ଶ୍ରେୟସ୍କର ମନେ କରିଥିଲେ ।

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ – (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧୀକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ – (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ମୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ – (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ସୂଚୀପତ୍ର


| | | |
|---|---|---|
| ୧. | ଅଲ୍ଲାଃ ପରଂବ୍ରହ୍ମ | ୧ |
| ୨ | ଅଲ୍ଲାଃଙ୍କ ଦର୍ଶନ | ୨ |
| ୩ | ଈଶ୍ୱରଙ୍କର ନିଜ ଅନୁରକ୍ତଙ୍କ ସହିତ ବ୍ୟବହାର | ୨ |
| ୪ | ପବିତ୍ର ରସୁଲ ହଜରତ ମୁହମ୍ମଦ | ୯ |
| ୫ | ପ୍ରତିଶ୍ରୁତ ମସିହଙ୍କ ଲକ୍ଷ୍ୟ | ୧୨ |
| ୬ | ଜମାଅତ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ | ୧୪ |
| ୭ | ଉପଦେଶାବଳୀ | ୧୮ |
| ୮ | ଅସତ୍ ଚିନ୍ତନ | ୧୯ |
| ୯ | ଦିବ୍ୟ ପ୍ରକଟନ | ୨୧ |
| ୧୦ | ଦେବଦୂତ | ୨୪ |
| ୧୧ | ଅଲ୍ଲାଃଙ୍କ ପଥରେ ପ୍ରବଳ ଉଦ୍ୟମ | ୨୬ |
| ୧୨ | ପ୍ରାର୍ଥନା | ୨୭ |
| ୧୩ | ଆମ ସିଦ୍ଧାନ୍ତ | ୨୮ |
| ୧୪ | ପାପ | ୨୯ |
| ୧୫ | ମୋକ୍ଷ | ୩୦ |
| ୧୬ | ମୃତ୍ୟୁପର ଜୀବନ | ୩୧ |
| ୧୭ | ଆତ୍ମା | ୩୨ |
| ୧୮ | ୟାଜୁଜ ଓ ମାଜୁଜଙ୍କ ବାସ୍ତବ ଚିତ୍ର | ୩୩ |
| ୧୯ | ଆଲୋକର ଯୁଗ | ୩୩ |
| ୨୦ | ପବିତ୍ର କୁରଆନ | ୩୭ |
| ୨୧ | ବିଶ୍ୱର ଧର୍ମମାନ | ୪୩ |
| ୨୨ | ମାନବ ସମାଜ ପ୍ରତି ସହାନୁଭୂତି | ୪୪ |
| ୨୩ | ଅହମଦିୟା ସମ୍ପ୍ରଦାୟର ଭବିଷ୍ୟତ | ୪୫ |
| ୨୪ | ଅନ୍ତିମ ବିଜୟ | ୪୬ |

بسم الله الرحمن الرحيم

نَحْمَدُهٗ وَنُصَلِّیْ عَلٰی رَسُوْلِہِ الْکَرِیْمِ

# ମୁଖବନ୍ଧ

ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮) ନିଜକୁ ଅଲ୍ଲାଃଙ୍କ ପ୍ରେରିତ ଯୁଗପୁରୁଷ ରୂପେ ଦାବି କରିବା ଦିନ ଠାରୁ ସମ୍ପ୍ରତି ଏକଶହ ବର୍ଷ ବିତିଗଲାଣି । ତାଙ୍କରି ଲେଖାଗୁଡ଼ିକ ମଧ୍ୟରୁ ବଛା ବଛା କେତୋଟି ବିଷୟକୁ ସଙ୍କଳିତ କରି ମୁଦ୍ରଣ କରିବା ଅହମଦିୟା ସମ୍ପ୍ରଦାୟର ଶତବାର୍ଷିକୀ (୧୮୮୯-୧୯୮୯) କାର୍ଯ୍ୟକ୍ରମର ଏକ ଅଂଶବିଶେଷ । ସେହି ସମ୍ପ୍ରଦାୟ ଇସଲାମ ଧର୍ମର ଅନୁଗାମୀମାନଙ୍କର ଅନ୍ୟତମ ସମ୍ପ୍ରଦାୟ, ଯାହା ସ୍ୱୟଂ ଅଲ୍ଲାଃଙ୍କ ଦ୍ୱାରା ପ୍ରତିଷ୍ଠିତ ।

ପ୍ରବଳ ମାତ୍ରାରେ ବିରୋଧାଭାବ ଓ ଶତ୍ରୁତା ସତ୍ତ୍ୱେ ଏହି ସମ୍ପ୍ରଦାୟ ପୃଥିବୀର ବିଭିନ୍ନ ଅଂଶରେ ଅତି ଦ୍ରୁତ ଗତିରେ ଅଗ୍ରସର ହୋଇ ଚାଲିଛି । ସମ୍ପ୍ରତି (୧୯୯୮ ମସିହା ସୁଦ୍ଧା) ୧୧୭ଟି ଦେଶରେ ଏହା ପ୍ରତିଷ୍ଠିତ ହୋଇ ସାରିଲାଣି ଏବଂ ଏହା ଇସଲାମର ବାସ୍ତବ ସ୍ୱର ହିସାବରେ ଆଗକୁ ଆଗକୁ ମାଡ଼ି ଚାଲିଛି ।

ଅହମଦିୟା ସମ୍ପ୍ରଦାୟର ବାର୍ତ୍ତା, ମୂଲ୍ୟବୋଧ ଓ କାର୍ଯ୍ୟକ୍ରମକୁ ବୁଝିବା ପାଇଁ ସର୍ବୋତ୍ତମ ଉପାୟ ହେଉଛି, ହଜରତ ମିର୍ଜା ଗୁଲାମ ଅହମଦ ସାହେବ କରିଥିବା ଦାବିଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ଚେଷ୍ଟା ଓ ଉଦ୍ୟମ କରାଯିବା । ସବୁଠାରୁ ନିଶ୍ଚିତ ଉପାୟ ଓ ବିବେକାନୁମୋଦିତ ପନ୍ଥା ହେଉଛି ଯେ ଜଣେ ସତ୍ୟାନୁସନ୍ଧିତ୍ସୁ ବ୍ୟକ୍ତିର ମନରେ ଯେଉଁ ସବୁ ସଂଶୟ ଓ ସନ୍ଦେହ ଜାଗ୍ରତ ହେଉଛି, ତାହା ନିଜକୁ ସେହି ଅଙ୍ଗୀକୃତ ମସିହ ଓ ମେହଦି ବୋଲି ଦାବି କରୁଥିବା ବ୍ୟକ୍ତିଙ୍କ ଲେଖାରୁ ନିରପେକ୍ଷ ଭାବରେ ସମାଧାନ କରିବାକୁ ଉଦ୍ୟମ କରିବା ।

ଏହି ସଂକଳନରେ ତାଙ୍କ ପୁସ୍ତକରୁ ଏପରି କେତୋଟି ବଛା ବଛା ଗଦ୍ୟାଂଶ ସଙ୍କଳିତ ହୋଇଛି, ଯହିଁରେ ମଣିଷ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ଆମେ ପାଠକଙ୍କ ଠାରୁ ଆଶା କରୁଛୁ ଯେ ସେ ଆମର ଏହି କ୍ଷୁଦ୍ର ପ୍ରଚେଷ୍ଟା ପ୍ରସ୍ତୁତ ସଙ୍କଳନକୁ ପାଠ କଲେ ବସ୍ତୁତଃ ତାଙ୍କ ରଚିତ ଅଶୀଟିରୁ ଊର୍ଦ୍ଧ୍ୱ ପୁସ୍ତକ ଅଧ୍ୟୟନ କରିନେବେ । କାରଣ ଏ ସମସ୍ତ ପୁସ୍ତକ କେବଳ ତଥ୍ୟମୂଳକ ଓ ଆଲୋକପ୍ରଦ ନୁହେଁ, ବରଂ ତାହା ଅନେକ ପ୍ରକାରେ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀକୁ ଉତ୍ସାହିତ କରିବ ।

ହଜରତ ମିର୍ଜା ଗୁଲାମ ଅହମଦ ୧୮୮୯ ମସିହାରେ ଦାବି କରିଥିଲେ ଯେ ସେ ହିଁ ସେହି ସଂସ୍କାରକ ଯାହାଙ୍କ ଆବିର୍ଭାବ ବିଷୟରେ ବିଭିନ୍ନ ଧର୍ମାବଲମ୍ବୀମାନେ ତାହାଙ୍କୁ ବିଭିନ୍ନ ନାମ ଓ ବିଭିନ୍ନ ପଦବୀରେ ନାମିତ କରି ପ୍ରତୀକ୍ଷା କରିଥିଲେ । ହିନ୍ଦୁମାନେ ଶ୍ରୀକୃଷ୍ଣଙ୍କୁ, ଖ୍ରୀଷ୍ଟିୟାନମାନେ ମସିହଙ୍କୁ, ବୌଦ୍ଧମାନେ ବୁଦ୍ଧଙ୍କୁ ଓ ମୁସଲମାନମାନେ ମେହଦି ତଥା ମସିହଙ୍କୁ ଅପେକ୍ଷା କରିଥିଲେ । ହଜରତ ମିର୍ଜା ଗୁଲାମ ଅହମଦ ଅଲ୍ଲାଃଙ୍କ ନିର୍ଦ୍ଦେଶ ଓ ମାର୍ଗ ପ୍ରଦର୍ଶନ ବଳରେ ଏକ ବୈପ୍ଳବିକ ଘୋଷଣା କରିଥିଲେ ଯେ ଜଣେ ମାତ୍ର 'ଅଙ୍ଗୀକୃତ ସଂସ୍କାରକ' ପ୍ରକଟିତ ହେବେ ଓ ସେ ସମସ୍ତ ଜାତି ଓ ଧର୍ମାବଲମ୍ବୀମାନଙ୍କର ପ୍ରତିନିଧିତ୍ୱ କରିବେ । ସେହି ପ୍ରତିଶ୍ରୁତ ଅବତାର ସ୍ୱାଧୀନ ଭାବରେ ନୁହେଁ, ବରଂ ଇସଲାମ ଧର୍ମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ]ଙ୍କର ଅଧୀନସ୍ଥ ହୋଇ ଆବିର୍ଭୂତ ହେବେ । ସେ ଆହୁରି ମଧ୍ୟ ଘୋଷଣା କରିଥିଲେ ଯେ ଇସଲାମ ହିଁ ହେବ ସମସ୍ତ ମାନବ ଜାତିର ଚୁଡ଼ାନ୍ତ ଓ ପୂର୍ଣ୍ଣାଙ୍ଗ ଧର୍ମ ଏବଂ ହଜରତ ମୁହମ୍ମଦ[ସଅ] ଏହାର ଏକମାତ୍ର କର୍ଣ୍ଣଧାର ଓ ସଂପୂର୍ଣ୍ଣ ମାନବୀୟ ଜୀବନାଦର୍ଶ । ଚଳିତ ଯୁଗରେ ତାହାଙ୍କ ଆଜ୍ଞାଧୀନ ହୋଇ ଓ ତାଙ୍କ ଦାସତ୍ୱରେ ଆସିଥିବା ବିଶ୍ୱ ସୁଧାରକଙ୍କ ଆବିର୍ଭାବ ପରିଶେଷରେ ଏପରି ଏକ ବିଶ୍ୱଧର୍ମର ପ୍ରତିଷ୍ଠା ପାଇଁ ଏକ ସୁବର୍ଣ୍ଣ ଯୁଗ ଭାବେ ପ୍ରତିପାଦିତ ହେବ, ଯାହାର ସ୍ୱପ୍ନ ମାନବ ସମାଜ ଦେଖିଆସିଛି ଓ ତାକୁ ପାଇବାକୁ ବ୍ୟାକୁଳ ହୋଇଛି ।

ସୁତରାଂ ୧୮୮୯ରେ ଏକ ସମ୍ପ୍ରଦାୟ ପ୍ରତିଷ୍ଠା କରିବା ପାଇଁ ଅଲ୍ଲାଃ ତାଙ୍କୁ ଦୈବୀବାଣୀ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ, ଯାହା ତାଙ୍କ ଆଗମନ ଓ ଆବିର୍ଭାବର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ପୂରଣ କରିବ । ସେଥିପାଇଁ ଯେଉଁମାନେ ତାଙ୍କର ସମସ୍ତ ଦାବିକୁ ବିଶ୍ୱାସ କରୁଥିଲେ ଓ ତା'ଉପରେ ଆସ୍ଥା ସ୍ଥାପନ କରୁଥିଲେ, ସେମାନଙ୍କୁ ଦୀକ୍ଷା ଦେଇ ସେ ୧୮୮୯, ମାର୍ଚ୍ଚ ୨୩ରେ ଭାରତର ପଞ୍ଜାବସ୍ଥିତ ଲୁଧିଆନା ନାମକ ଏକ ସହରରେ ଆନୁଷ୍ଠାନିକ ଭାବେ ଅହମଦିୟା ମୁସଲିମ ଜମାଅତ ଗଠିତ ହେବାର ଘୋଷଣା କରିଥିଲେ ।

ଅହମଦ ନିଜ ଜୀବନକାଳ ମଧ୍ୟରେ ଆର୍ଯ୍ୟ ସମାଜୀ ଓ ଖ୍ରୀଷ୍ଟ ପାଦ୍ରୀମାନଙ୍କ ପକ୍ଷରୁ ଇସଲାମ ଉପରେ ହେଉଥିବା ଆକ୍ରମଣର ଦୃଢ଼ ପ୍ରତିବାଦ ଜଣାଇଥିଲେ ଓ ପବିତ୍ର କୁରଆନର ଶାଶ୍ୱତ ତଥା ସାର୍ବଜନୀନ ଶିକ୍ଷାର ପ୍ରସାର ପାଇଁ ୮୦ରୁ ଅଧିକ ସାରଗର୍ଭକ ପୁସ୍ତକ ରଚନା କରିଥିଲେ । ସୀମିତ ସମ୍ବଳ ଓ ସୁବିଧା ସୁଯୋଗ ନଥିବା ସତ୍ତ୍ୱେ ସେ ପୃଥିବୀରେ ଇସଲାମର ପ୍ରଚାର କରାଇଥିଲେ । ୧୯୦୮ ମସିହାରେ ତାଙ୍କର ଦେହାବସାନ ହେଲା ଓ ତା'ପର ଠାରୁ ଏହି ସମ୍ପ୍ରଦାୟରେ ଖିଲାଫତ (ଉତ୍ତରାଧୀକାର) ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଆସୁଛି । ଏହି ଆଧାତ୍ମିକ ବ୍ୟବସ୍ଥାର ନେତୃତ୍ୱାଧୀନରେ ଏକଜୁଟ ହୋଇ ଏହାର ୧୬ କୋଟିରୁ ଉର୍ଦ୍ଧ୍ୱ ଅନୁଗାମୀ ସମଗ୍ର ବିଶ୍ୱରେ ବାସ୍ତବ ଇସଲାମର ପ୍ରଚାର ଓ କୁରଆନ ଶିକ୍ଷାର ପ୍ରସାର କ୍ଷେତ୍ରରେ ଯୁଗାନ୍ତକାରୀ ଦିଗଦର୍ଶନ ଦେଇ ଆସୁଛି ।

ଭାରତ ଉପମହାଦେଶର ବିଭାଜନ ହେବା ପରେ ଯେତେବେଳେ ଅହମଦିୟା ସମ୍ପ୍ରଦାୟର ଲକ୍ଷ ଲକ୍ଷ ଅନୁଗାମୀଙ୍କୁ ପାକିସ୍ତାନକୁ ଦେଶାନ୍ତର ହେବାକୁ ପଡିଲା, ସେତେବେଳେ ସମ୍ପ୍ରଦାୟର ସଦର ମହକୁମା ଭାରତରୁ ପାକିସ୍ତାନକୁ ଉଠି ଆସିଲା । ସେବେଠାରୁ ସେମାନଙ୍କର ନୂତନ ଧର୍ମକେନ୍ଦ୍ର ଭାବେ କାର୍ଯ୍ୟ କରିବା ପାଇଁ ପଞ୍ଜାବର ଚେନାବ ନଦୀ କୂଳରେ ରବ୍ୱା ନାମକ ଏକ ଛୋଟ ସହର ସ୍ଥାପନ କରାଗଲା ।

ଅହମଦିୟା ସମ୍ପ୍ରଦାୟର ବିରୋଧୀମାନଙ୍କ ଦ୍ୱାରା ସମୟକୁ ସମୟ ସେମାନଙ୍କ ବିରୁଦ୍ଧରେ ଅନେକ ଶତ୍ରୁତା ମୂଳକ ଆନ୍ଦୋଳନ କରାହୋଇ ଆସୁଛି । ସେଥି ମଧ୍ୟରୁ ୧୯୫୩, ୧୯୭୪ ଓ ୧୯୮୪ର ଆନ୍ଦୋଳନ ସୁବିଦିତ । ଶେଷ ଆନ୍ଦୋଳନଟି ପାକିସ୍ତାନ ସରକାରଙ୍କ ସମ୍ପୂର୍ଣ୍ଣ ସମର୍ଥନ ଓ ସହଯୋଗ କ୍ରମେ କରାଯାଇଥିଲା । ଅହମଦିୟା ବିରୋଧୀ ଅଧ୍ୟାଦେଶ ଜାରି ହେବା ଦିନଠାରୁ ତତ୍କାଳୀନ ଏକଛତ୍ର ଶାସକ ଜିଆଉଲ୍ ହକ୍‌ଙ୍କ ବିଭିନ୍ନ କଠୋର ବ୍ୟବସ୍ଥାମାନ ସମ୍ପ୍ରଦାୟର ପ୍ରଗତିରେ ବାଧା ସୃଷ୍ଟି କଲା ଏବଂ ଏତଦ୍ଦ୍ୱାରା ଅହମଦୀ ମୁସଲମାନମାନଙ୍କ ଠାରୁ ସମସ୍ତ ମାନବିକ ମୌଳିକ ଅଧିକାରକୁ ଛଡ଼ାଇ ନିଆଗଲା ।

ଅହମଦିୟା ସମ୍ପ୍ରଦାୟକୁ ପ୍ରକୃତ ପକ୍ଷେ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲେ ହେଁ ଅଲ୍ଲାଃଙ୍କର ଅଶେଷ କରୁଣା ରହିଥିବା ଯୋଗୁଁ ପାକିସ୍ତାନରେ ସରକାର ତଥା ସରକାରଙ୍କ ସହିତ ଯୋଗ ଦେଇଥିବା ଉଲେମାମାନଙ୍କ ସମସ୍ତ ପ୍ରଚେଷ୍ଟା ବିଫଳ ଓ ବ୍ୟର୍ଥ ହୋଇଥିଲା ।

ଏହି ଶତ୍ରୁତା ଫଳରେ ପୃଥିବୀର ଅବଶିଷ୍ଟ ଅହମଦୀମାନେ ଯେଉଁ ଦୃଢ଼ ସଂକଳ୍ପ ଓ ନବ ଉନ୍ମାଦନାମୂଳକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ତାହା ସମ୍ପ୍ରଦାୟର ପ୍ରଗତିର ମାତ୍ରାକୁ ଅନେକ ବଢ଼ାଇ ଦେଇଛି ।

ଯାହାହେଉ, ତିଷ୍ଠି ରହିବା ପାଇଁ ଏଇ ଯେଉଁ ଜୋରଦାର ସଂଗ୍ରାମ ଓ ମାନବିକ ସ୍ୱାଧୀନତାର ମୌଳିକ ଅଧିକାର ପାଇଁ ଯେଉଁ ସଂଘର୍ଷ ଚାଲିଛି, ସେଥିରେ ହଜାର ହଜାର ହଜାର ସଂଖ୍ୟାରେ ଅହମଦୀମାନେ ନିଷ୍ଠୁର ମୂଳକ କାରାବରଣ କରିବା ଠାରୁ ଆରମ୍ଭ କରି ଦୈହିକ ନିର୍ଯ୍ୟାତନା ଭୋଗ କରିଛନ୍ତି ।

୧୯୮୯ର ଶତବାର୍ଷିକୀରେ କୃତଜ୍ଞତା ଜ୍ଞାପକ ଅନ୍ୟାନ୍ୟ ବିଶ୍ୱବ୍ୟାପକ କାର୍ଯ୍ୟକ୍ରମ ମଧ୍ୟରେ ଶହେରୁ ଅଧିକ ଭାଷାରେ ପବିତ୍ର କୁରଆନ, ପବିତ୍ର ରସୁଲଙ୍କର ମୁଖନିଃସୃତ ବାଣୀ ସମ୍ବଳିତ ହଦିସ ଏବଂ ପ୍ରତିଶ୍ରୁତ ମସିହଙ୍କ ଅନେକ ବଛାବଛା ଲେଖାର ଅନୁବାଦ ଓ ପ୍ରକାଶନ ପାଇଁ ଯେଉଁ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଏହି ପୁସ୍ତକଟି ହେଉଛି ସେହି ମହତ ଅଭିଳାଷ ପୂରଣର ଏକ ଅଂଶବିଶେଷ ଏବଂ ଏକ ଅତ୍ୟନ୍ତ କଲ୍ୟାଣକର ଯୋଜନା ।

**ନଜାରତ ଇଶାଅତ**

**କେନ୍ଦ୍ରୀୟ ପ୍ରକାଶନ ବିଭାଗ, ରବ୍ୱା, ପାକିସ୍ତାନ**

# ଅଲ୍ଲାଃ ପରଂବ୍ରହ୍ମ

ଅଲ୍ଲାଃଙ୍କ ଠାରେ ହିଁ ଆମର ସ୍ୱର୍ଗ । ଆମେ ଅଲ୍ଲାଃଙ୍କୁ ଦେଖିଛୁ ଓ ତାଙ୍କ ଠାରେ ସମସ୍ତ ସୌନ୍ଦର୍ଯ୍ୟ ପାଇଛୁ । ତେଣୁ ଅଲ୍ଲାଃଙ୍କ ଠାରେ ହିଁ ଆମର ପରମ ଆନନ୍ଦ । ତାଙ୍କୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ୍ୟ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜକୁ ଉତ୍ସର୍ଗ କରିବାକୁ ପଡ଼ିଲେ ମଧ୍ୟ ତାହା କ୍ରୟଯୋଗ୍ୟ । ତୁମେ ଯେଉଁମାନେ ଏଥିରୁ ବଞ୍ଚିତ, ଏକ ନିର୍ଝର ନିକଟକୁ ଦଉଡ଼ି ଯାଅ, ଏହା ତୁମର ତୃଷା ନିବାରଣ କରିବ । ଏହା ହିଁ ସେହି ଜୀବନ ନିର୍ଝର, ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ ବା କରିବି ଓ କେଉଁ ଡିଣ୍ଡିମ ବଜାଇ ଘୋଷଣା କରିବି ଯେ ଏ ହେଉଛନ୍ତି ତୁମର ପ୍ରଭୁ, ଯାହା ଫଳରେ ଲୋକେ ଶୁଣିପାରିବେ । ସେମାନଙ୍କ କାନରେ କେଉଁ ଔଷଧ ପକାଇବି, ଯାହାଫଳରେ ସେମାନେ ଶୁଣିବେ । ତୁମେ ଯଦି ଅଲ୍ଲାଃଙ୍କର, ତେବେ ନିଶ୍ଚିନ୍ତ ହୁଅ ଯେ ଅଲ୍ଲାଃ ମଧ୍ୟ ତୁମର ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୯, ପୃଷ୍ଠା ୨୧-୨୨; କଶ୍ତିନୂହ, ପୃଷ୍ଠା ୨୩-୨୪)

ଯେଉଁମାନଙ୍କର କାନ ଅଛି ସେମାନେ ଶୁଣ; ଅଲ୍ଲାଃ ତୁମଠାରୁ କ'ଣ ବା ଚାହାନ୍ତି ? କେବଳ ଏଇଆ ଯେ ତୁମେ ଏକାନ୍ତ ଭାବେ ତାଙ୍କର ହିଁ ହୋଇଯାଅ ଏବଂ ଏଇ ମର୍ତ୍ତ୍ୟରେ ବା ଏଇ ସ୍ୱର୍ଗରେ କାହାରିକୁ ତାଙ୍କର ସମକକ୍ଷ ମନେକର ନାହିଁ । ସେ ହିଁ ଆମର ପ୍ରଭୁ, ସେ ଆଗରୁ ଯେପରି ଜୀବିତ ଥିଲେ ଆଜି ବି ସେପରି ଜୀବିତ ଅଛନ୍ତି । ସେ ଆଗରୁ ଯେପରି କହୁଥିଲେ ଆଜି ବି ସେହିପରି କହୁଛନ୍ତି । ସେ ଯେପରି ଆଗରୁ ଶୁଣୁଥିଲେ ଆଜି ବି ସେହିପରି ଶୁଣୁଛନ୍ତି । ଏହି ଯୁଗରେ ତ ସେ ଶୁଣୁଛନ୍ତି କିନ୍ତୁ କିଛି କହୁନାହାନ୍ତି ବୋଲି ଭାବିବା ଏକ ଅଳୀକ ବିଶ୍ୱାସ । ସେ ବାସ୍ତବରେ ଶୁଣୁଛନ୍ତି ଓ କହୁଛନ୍ତି । ତାଙ୍କର ସମସ୍ତ ଗୁଣ ଚିରନ୍ତନ ଓ ଶାଶ୍ୱତ । ତାଙ୍କର କୌଣସି ଗୁଣ କେବେ କାର୍ଯ୍ୟରହିତ ହୋଇ ନାହିଁ କି ହେବ ନାହିଁ । ସେ ହେଉଛନ୍ତି ସେହି ଚିରନ୍ତନ ସତ୍ତା, ଯେ କି ଅତୁଳନୀୟ ଓ ଯାହାଙ୍କ ସଦୃଶ ଆଉ କେହି ନାହିଁ । ଏପରି ଜଣେ କେହି ନାହିଁ ଯେ କି ଗୁଣରେ ତାଙ୍କ ସଦୃଶ ହେବ । ତାଙ୍କ ଶକ୍ତି କେବେ ହ୍ରାସ ହୁଏ ନାହିଁ । ସେ ନିକଟରେ ଥାଇ ମଧ୍ୟ ଦୂରରେ ଓ ଦୂରରେ ଥାଇ ମଧ୍ୟ ଖୁବ୍ ନିକଟରେ... ସେ ଉଚ୍ଚଙ୍କ ମଧ୍ୟରେ ଉଚ୍ଚତମ; ତଥାପି କୁହାଯାଇ ପାରିବ ନାହିଁ ଯେ ତାଙ୍କ ତଳେ ଥାଇ କେହି ଜଣେ ତାଙ୍କ ଠାରୁ ଦୂରରେ । ସେ ସ୍ୱର୍ଗରେ, କିନ୍ତୁ କୁହାଯାଇ ପାରିବ ନାହିଁ ଯେ ସେ ମର୍ତ୍ତ୍ୟରେ ନାହାନ୍ତି । ସର୍ବାଙ୍ଗ ସୁନ୍ଦର ଗୁଣସମୂହ ତାଙ୍କଠାରେ ଏକତ୍ରିତ ହୋଇଛି ଏବଂ ଯେଉଁସବୁ ଗୁଣ ପ୍ରଶଂସାଯୋଗ୍ୟ, ସେ ତାକୁ ହିଁ ପ୍ରକାଶ କରନ୍ତି । ସେ ସମସ୍ତ ଉତ୍କର୍ଷତାର ଉତ୍ପତ୍ତି ସ୍ଥଳ; ସେ

ସର୍ବଶକ୍ତିମାନ୍ । ଯାହାକିଛି ଉତ୍ତମ, ତାଙ୍କଠାରୁ ହିଁ ସୃଷ୍ଟି ହୁଏ ଓ ସବୁକିଛି ତାଙ୍କ ନିକଟକୁ ଫେରିଯାଏ । ସେସବୁ ସମ୍ପତ୍ତିର ମାଲିକ, ତାଙ୍କଠାରେ ସମସ୍ତ ଉତ୍କର୍ଷତା ସମ୍ମିଳିତ । ତାଙ୍କଠାରେ କୌଣସି କଳଙ୍କ ନାହିଁ କି ଦୁର୍ବଳତା ନାହିଁ । ସମସ୍ତ ମର୍ତ୍ତ୍ୟବାସୀ ଓ ସମସ୍ତ ସ୍ୱର୍ଗବାସୀ ତାହାଙ୍କର ଉପାସନା କରନ୍ତି । ଏହାହିଁ ତାଙ୍କର ଅନନ୍ୟ ଅଧିକାର ।

(ରୁହାନି ଖଜାଏନ୍ ଗ୍ରନ୍ଥ ଖଣ୍ଡ ୨୦, ପୃଷ୍ଠା ୩୦୯-୩୧୦ ; ଅଲ୍ ଓସିୟତ୍ ପୃଷ୍ଠା ୧୧-୧୨)

# ଅଲ୍ଲାଃଙ୍କ ଦର୍ଶନ

ଯେଉଁ ବ୍ୟକ୍ତି ସନ୍ଦେହ ଘେରରେ କବଳିତ ସେ ଶାସ୍ତିରୁ ମଧ ନିସ୍ତାର ପାଇବ ନାହିଁ । ଇହ ଜଗତରେ ଅଲ୍ଲାଃଙ୍କ ଦର୍ଶନ ଲାଭରୁ ବଞ୍ଚିତ ହେବାର ଦୁର୍ଭାଗ୍ୟ ଯେଉଁ ବ୍ୟକ୍ତିଙ୍କର ଅଛି, ସେ ପର ଜଗତରେ ମଧ୍ୟ ଅନ୍ଧକାର ଗହ୍ୱର ମଧ୍ୟରେ ନିକ୍ଷିପ୍ତ ହେବ । ଅଲ୍ଲାଃ କହିଛନ୍ତି; 'କିନ୍ତୁ ଇହଜଗତରେ ଯେଉଁ ବ୍ୟକ୍ତି ଅନ୍ଧ, ପର ଜଗତରେ ମଧ୍ୟ ସେ ଅନ୍ଧ ।'

مَنْ كَانَ فِيْ هٰذِهٖٓ اَعْمٰى فَهُوَ فِى الْاٰخِرَةِ اَعْمٰى (୧୭ : ୭୩ ଦ୍ରଷ୍ଟବ୍ୟ) ।

(ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ ୧୩, ପୃଷ୍ଠା ୬୫ ; କିତାବୁଲ ବରିୟ୍ୟା ପୃ - ୪୭)

# ଈଶ୍ୱରଙ୍କର ନିଜ ଅନୁରକ୍ତ ସହିତ ବ୍ୟବହାର

ବାସ୍ତବରେ ଅଲ୍ଲାଃ ସର୍ବ କ୍ଷମତାଶାଳୀ ଓ ସର୍ବଶକ୍ତିମାନ୍ । ତାଙ୍କର ଯେଉଁ ଭକ୍ତମାନେ ତାଙ୍କ ପାଖକୁ ପ୍ରେମ ଓ ନିଷ୍ଠାର ସହିତ ଆସନ୍ତି, ସେମାନଙ୍କୁ ନଷ୍ଟ ହେବାକୁ ଦିଆଯାଏ ନାହିଁ । ଜଣେ ଶତ୍ରୁ ସଗର୍ବେ କହେ ଯେ ସେ ତା'ର ଚକ୍ରାନ୍ତ ବଳରେ ସେମାନଙ୍କୁ ଧ୍ୱଂସ କରିଦେବ ଓ ସେହି ଅହିତାକାଂକ୍ଷୀ ବ୍ୟକ୍ତି ଆହୁରି ଇଚ୍ଛାକରେ ଯେ ସେ ସେମାନଙ୍କୁ ପଦଦଳିତ କରିଦେବ । ଅଲ୍ଲାଃ କହନ୍ତି; 'ରେ ମୂର୍ଖ ! ମୋ ସହିତ ସଂଗ୍ରାମ କରିବା ଲାଗି ତୋର ସାହସ ଅଛି ? ଏବଂ ଯିଏ ମୋର ପ୍ରିୟ ତୁ ତାକୁ ଲାଞ୍ଛିତ କରିବୁ ?' ସ୍ୱର୍ଗରେ ନିଷ୍ପତ୍ତି ହୋଇ ନଥିଲେ, ମର୍ତ୍ତ୍ୟରେ କିଛି ଘଟିବ ନାହିଁ ଓ ସ୍ୱର୍ଗର ନିଷ୍ପତ୍ତି ଅନୁସାରେ ମର୍ତ୍ତ୍ୟର ମାନବକୁ ହସ୍ତ ପ୍ରସାରଣ ପାଇଁ ଯେତିକି ସ୍ୱାଧୀନତା ଦିଆଯାଇଛି ସେ ତା'ଠାରୁ ଆଉ ଅଧିକ ପ୍ରସାରଣ କରିପାରିବ ନାହିଁ । ତେଣୁ ଯେଉଁ ନିଷ୍ଠୁର ଓ ଷଡ଼ଯନ୍ତ୍ରକାରୀମାନେ ସେମାନଙ୍କର ଘୃଣାବ୍ୟଞ୍ଜକ ଓ ଲଜ୍ଜାହୀନ କୂଟଚକ୍ର ମଧ୍ୟରେ ମନେ ପକାଇ ପାରନ୍ତି ନାହିଁ ଯେ ସେହି ମହାନ୍ ସତ୍ତାଙ୍କର ସ୍ପଷ୍ଟ ନିର୍ଦ୍ଦେଶ

ବ୍ୟତିରେକ ପତ୍ରଟିଏ ମଧ୍ୟ ଖସି ପାରେନା, ସେମାନେ ହେଉଛନ୍ତି ସବୁଠାରୁ ଅଧିକ ନିର୍ବୋଧ । ସୁତରାଂ ସେମାନଙ୍କ ଲକ୍ଷ୍ୟରେ ସେମାନେ ବ୍ୟର୍ଥ ତଥା ଉଦ୍ଦେଶ୍ୟ ହାସଲ କରିବା ଦିଗରେ ବିଫଳ ହୁଅନ୍ତି । ସେମାନଙ୍କ କୁକାର୍ଯ୍ୟ ଦ୍ୱାରା ସତ୍‌ମାର୍ଗରେ ପରିଚାଳିତ ବ୍ୟକ୍ତିମାନଙ୍କର କୌଣସି କ୍ଷତି ହୁଏ ନାହିଁ, ବରଂ ଅଲ୍ଲାଃଙ୍କ ନିଦର୍ଶନ ବ୍ୟାପକ ଆକାରରେ ପ୍ରକଟିତ ହୁଏ ଓ ଲୋକମାନଙ୍କ ମଧ୍ୟରେ ଅଲ୍ଲାଃଙ୍କ ପନ୍ଥା ସମ୍ବନ୍ଧିତ ଜ୍ଞାନର ବୃଦ୍ଧି ହୋଇଥାଏ । ଯେଉଁ ସର୍ବ କ୍ଷମତାଶାଳୀ ଓ ସର୍ବ ଶକ୍ତିମାନ୍ ପରମେଶ୍ୱରଙ୍କୁ ଭୌତିକ ଚକ୍ଷୁ ଦେଖି ପାରେ ନାହିଁ, ସେ ବାସ୍ତବରେ ନିଜର ଅଲୌକିକ ଚମତ୍କାରୀତା ଦ୍ୱାରା ନିଜକୁ ପ୍ରକଟିତ କରିଥାଆନ୍ତି ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୧୩, ପୃ - ୧୯-୨୦ ; କିତାବୁଲ ବରିୟା, ପୃ ୧-୨)

ଅଲ୍ଲାଃ ହିଁ ସମସ୍ତ ସ୍ୱର୍ଗ ଓ ମର୍ତ୍ତ୍ୟର ଜ୍ୟୋତି । ପରିପୁଷ୍ଟ ପ୍ରତ୍ୟେକ ଜ୍ୟୋତି ଉଚ୍ଚ ହେଉ ବା ନୀଚ, ଆତ୍ମିକ ହେଉ ବା ଦୈହିକ ହେଉ, ମୌଳିକ ସ୍ଥିତିରେ ହେଉ ବା ପାର୍ଥିବ ଗୁଣାତ୍ମକ, ପ୍ରଚ୍ଛନ୍ନ ରୂପରେ ହେଉ ବା ପ୍ରକଟିତ ରୂପରେ, ମାନସିକ ହେଉ ବା ବାହ୍ୟ ପରିପାଟୀରେ, ବ୍ୟକ୍ତିନିଷ୍ଠ ହେଉ ବା ବସ୍ତୁନିଷ୍ଠ ହେଉ, ତାହା ତାଙ୍କରି କରୁଣାର ଉତ୍ସ, ସମସ୍ତ ଜ୍ୟୋତିର ସର୍ବଶେଷ କାରଣ, ସମସ୍ତ କୃପାର ଉତ୍ପତ୍ତିସ୍ଥଳ । ତାଙ୍କରି ସତ୍ତା ହିଁ ବିଶ୍ୱର ଅବଲମ୍ବନ ଓ ସମସ୍ତ ଉଚ୍ଚ ଓ ନୀଚର ଆଶ୍ରୟ । ସେ ହିଁ କିଛି ନାହିଁର ଅନ୍ଧକାର ଭିତରେ ସବୁକିଛି ବାହାରକୁ ଆଣିଛନ୍ତି ଓ ସେ ହିଁ ସମସ୍ତଙ୍କୁ ଆକୃତି ପ୍ରଦାନ କରିଛନ୍ତି । ତାଙ୍କ ବ୍ୟତୀତ ଅନ୍ୟ କୌଣସି ସତ୍ତା ନାହିଁ, ଯାହା ନିଜ ବଳରେ ରହିପାରେ କିମ୍ବା ଶାଶ୍ୱତ ହୋଇପାରେ; ଅନ୍ୟ ସମସ୍ତ ସତ୍ତା ତାଙ୍କର କୃପାଗ୍ରହୀତା । ସ୍ୱର୍ଗ ଓ ମର୍ତ୍ତ୍ୟ, ମଣିଷ ଓ ପଶୁ, ପଥର ଓ ବୃକ୍ଷ, ଆତ୍ମା ଓ ଶରୀର ସବୁକିଛି ତାଙ୍କରି କୃପାରେ ତିଷ୍ଠି ରହିଛି ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧, ପାଦଟୀକା, ପୃଷ୍ଠା ୧୯୧-୧୯୨ ; ବ୍ରାହିନ ଏ ଅହମଦିୟା, ପାଦଟୀକା ୧୧)

حمد و ثنا اُسی کو جو ذات جاودانی　　ہَمسر نہیں ہے اُس کا کوئی نہ کوئی ثانی
باقی وہی ہمیشہ غیر اُس کے سب ہیں فانی　　غیروں سے دل لگانا جھوٹی ہے سب کہانی
سب غیر ہیں وہی ہے اِک دِل کا یارِ جانی　　دِل میں میرے یہی ہے سُبْحٰنَ مَنْ یَّرَانِیْ
سب کا وہی سہارا رحمت ہے آشکارا　　ہم کو وہی پیارا دِلبر وہی ہمارا
اُس بِن نہیں گزارا غیر اُس کے جُھوٹ سارا　　یہ روز کر مبارک سُبْحٰنَ مَنْ یَّرَانِیْ

(روحانی خزائن جلد ۱۲ محمود کی آمین صفحہ ۳۱۹)

**ହମ୍‌ଦୋ ସନା ଉସିକୋ ଯୋ ଜାତେ ଜାଓ୍ୱେଦାନୀ**
**ହମ୍‌ସର ନେହିଁ ହୈ ଉସକା କୋଇ ନା କୋଇ ସାନୀ ।**
**ବାକି ଓ୍ୱହି ହୈ ହମେଶା ଗୈର ଉସକେ ସବ ହେଁ ଫାନୀ**
**ଗୈରୋଁସେ ଦିଲ୍ ଲଗାନା ଝୁଟି ହୈ ସବ କାହାନୀ ।**
**ସବ ଗୈର୍ ହେଁ ଓ୍ୱହି ହୈ ଇକ୍ ଦିଲ୍‌କା ୟାରଜାନୀ**
**ଦିଲ୍‌ମେ ମେରେ ୟେହି ହୈ ସୁବହାନା ମେଁ ୟରାନୀ ।।**
**ସବ୍‌କା ଓ୍ୱହି ସାହାରା ରହମତ୍ ହୈ ଆଶ୍‌କାରା**
**ହମ୍‌କୋ ଓ୍ୱହି ପ୍ୟାରା ଦିଲବର୍ ଓ୍ୱହି ହମାରା ।**
**ଉସ୍ ବିନ୍ ନେହିଁ ଗୁଜାରା ଗୈର୍ ଉସକେ ଝୁଟ ସାରା**
**ୟେ ରୋଜ୍ କର ମୁବାରକ୍ – ସୁବହାନା ମେଁ ୟରାନୀ ।।**

ସକଳ ପ୍ରଶଂସା ତୁମ ପାଇଁ ଭଗବାନ
ନାହିଁ ଏ ଜଗତେ କେହି ତୁମରି ସମାନ
ତୁମେ ଅଟ ଅଦ୍ୱିତୀୟ
ସମସ୍ତେ ମରଣଶୀଳ ତୁମେ ହିଁ ଅକ୍ଷୟ ।
ତୁମକୁ ଛାଡ଼ିଣ ଆନ ପୀରତି କରିଲେ
କେବଳ ମିଛ କାହାଣୀ ବୋଲାଇବ ଭଲେ
ତୁମେ ମୋର ଅଭିଳାଷ
ଅନ୍ୟମାନେ ସାତପର କହେ ହୀନ ଦାସ ।।
ପରମ ପବିତ୍ର ତୁମେ କରେ ମୁଁ ଘୋଷଣା
ରଖିଅଛ ମୋତେ ପ୍ରଭୁ ନଜରେ ଆପଣା
ତୁମ ଚରଣେ ଶରଣ
ରଖି ବା ନ ରଖି ପ୍ରଭୁ ଦେଲି ଏ ଜୀବନ ।।
ତୁମଠାରେ ମୋର ସୁଖି ସମ୍ପଦ ନିହିତ
ଅନ୍ୟ କେହି ସଖା ବୋଲି ହେଉନି ପ୍ରତୀତ
ଆହେ ପରମ ଈଶ୍ୱର
ତୁମ ବିନା ଅନ୍ୟ ଆଶ୍ରା ଅଳୀକ ମାତର ।।
ଅନ୍ୟ ସବୁ ମିଛ ଆହେ ମୋ ମନ ମୋହନ

ପରମ ପବିତ୍ର ତୁମେ ଏ ମୋର କଥନ
ଧନ୍ୟ ହେଉ ଆଜି ଦିନ
ଘେନା କର ପ୍ରଭୁ ମୋର ଏହି ନିବେଦନ ॥

**(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୧୨, ପୃ ୧୩୯; ମହମୁଦ କି ଆମିନ, ପୃ. ୩)**

ମୁଁ ସତ କରୁଛି ଓ ସତ ହିଁ କହୁଛି । ଯଦି ଖୋଜିବା ଲାଗି ଆତ୍ମାରେ ନିଷ୍ପାପର ଅଭିଳାଷ ଜାଗେ ଓ ଜ୍ଞାନ ପାଇଁ ଅନ୍ତର ତୃଷାର୍ତ୍ତ ହୋଇଉଠେ, ତେବେ ସେହି ବାଟ, ସେହି ପନ୍ଥା ଆବିଷ୍କାର କରିବା ଲାଗି ମାନବ ଜଗତ ବ୍ୟାକୁଳ ହୋଇ ଉଠେ । କିନ୍ତୁ ସେ ବାଟରେ କିପରି ଜଣେ ପ୍ରବେଶ କରିପାରିବ ଓ କିପରି ସେ ଆବରଣକୁ ଉଠାଇ ଦେଇହେବ ? ଯେଉଁମାନେ ତାହା ଖୋଜନ୍ତି, ତାଙ୍କୁ ମୁଁ ନିଶ୍ଚୟ କରି କହୁଛି ଯେ କେବଳ ଇସଲାମ ହିଁ ସେହି ବାଟର ସୁସମାଚାର ଦେଇପାରେ । ଅନ୍ୟ ସବୁ ଧର୍ମ ଦିବ୍ୟ ପ୍ରକଟନ ଉପରେ ବହୁଦିନରୁ ପୂର୍ଣ୍ଣଚ୍ଛେଦ ପକାଇ ଦେଇ ସାରିଛନ୍ତି । ତେଣୁ ନିଶ୍ଚିତ ହୁଅ ଯେ ଦିବ୍ୟ ପ୍ରକଟନକୁ ବନ୍ଦ କରାଯାଇ ନାହିଁ । କିନ୍ତୁ ମଣିଷ ନିଜେ ବଞ୍ଚିତ ହୋଇଥିବା ତଥ୍ୟକୁ ପ୍ରମାଣିତ କରିବା ପାଇଁ ମିଥ୍ୟା ଆଳର ଆଶ୍ରୟ ଖୋଜି ବୁଲେ । ତେଣୁ ତୁମେମାନେ ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କର ଯେ ଯେପରି ଆଖି ବିନା ଦେଖି ହୁଏ ନାହିଁ, କାନ ବିନା ଶୁଣି ହୁଏ ନାହିଁ କିମ୍ବା ଜିଭ ବିନା କହି ହୁଏ ନାହିଁ, ସେହିପରି ପବିତ୍ର କୁରଆନର ସାହାଯ୍ୟ ବିନା ଆମର ପ୍ରିୟ ପରମାତ୍ମାଙ୍କ ଉପରେ ଦୃଷ୍ଟି ନିବଦ୍ଧ କରି ହୁଏ ନାହିଁ । ମୁଁ ଏକଦା ଯୁବକ ଥିଲି; ବର୍ତ୍ତମାନ ମୁଁ ବୃଦ୍ଧ । କିନ୍ତୁ ମୁଁ ଏପରି କାହାରିକୁ ପାଇନାହିଁ ଯେ କି ଏଇ ବିଶୁଦ୍ଧ ଉତ୍ପତ୍ତିସ୍ଥଳ ଅର୍ଥାତ୍ ପବିତ୍ର କୁରଆନରେ ପ୍ରବେଶ ନକରି ସେହି ପ୍ରକାଶମାନ ତଥା ନିର୍ମଳ ପଥ ପ୍ରଦର୍ଶନର ପିଆଲାରୁ ପାନ କରିପାରିଛି ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୧, ପାଦଟୀକା, ପୃ ୧୯୧-୧୯୨; ବ୍ରାହିନ ଏ ଅହମଦିୟା, ଭାଗ୨)

کِس قدر ظاہر ہے نور اُس مبدَء الانوار کا　　بن رہا ہے سارا عالم آئینہ ابصار کا
چاند کو کل دیکھ کر مَیں سخت بے کل ہو گیا　　کیونکہ کچھ کچھ تھا نشاں اُس میں جمالِ یار کا
اُس بہارِ حُسن کا دِل میں ہمارے جوش ہے　　مت کرو کچھ ذکر ہم سے تُرک یا تاتار کا
ہے عجب جلوہ تری قدرت کا پیارے ہر طرف　　جس طرف دیکھیں وہی رہ ہے ترے دیدار کا
چشمۂ خورشید میں موجیں تری مشہود ہیں　　ہر ستارے میں تماشا ہے تری چمکار کا

تُونے خُود روحوں پہ اپنے ہاتھ سے چھڑکا نمک
اس سے ہے شورِ محبّت عاشقانِ زار کا

کیا عجب تُونے ہر اِک ذرّہ میں رکھے ہیں خواص
کون پڑھ سکتا ہے سارا دفتر اُن اَسرار کا

تیری قدرت کا کوئی بھی اِنتہا پاتا نہیں
کِس سے کُھل سکتا ہے پیچ اِس عقدۂ دشوار کا

خوبرویوں میں ملاحت ہے ترے اس حُسن کی
ہر گُل و گلشن میں ہے رنگ اُس تری گلزار کا

چشمِ مَستِ ہر حسیں ہَر دَم دکھاتی ہے تجھے
ہاتھ ہے تیری طرف ہر گیسُوئے خمدار کا

(روحانی خزائن جلد ۲ سُرمہ چشمہ آریہ صفحہ ۵۲)

 କିସ୍ କଦର୍ ଜାହିର୍ ହୈ ନୁର୍
ଉସ୍ ମବ୍‌ଦଉଲ୍ ଅନୱାର କା
ବନ୍ ରହା ହୈ ସାରା ଆଲମ୍
ଆଇନା ଅବ୍‌ସାର କା
ଚାନ୍ଦ୍‌କୋ କଲ୍ ଦେଖ କର୍
ମୈଁ ସଖତ ବେକଲ ହୋଗୟା
କ୍ୟୁଁ କି କୁଛ୍‌କୁଛ୍ ଥା ନିଶାଁ
ଉସ୍‌ମେ ଜମାଲେ ୟାର କା
ଉସ୍ ବହାରେ ହୁସ୍‌ନ କା
ଦିଲ୍ ମେ ହମାରେ ଜୋଶ୍ ହୈ
ମତ୍ କରୋ କୁଛ ଜିକ୍‌ର୍ ହମ୍‌ସେ
ତୁର୍କ ୟା ତା'ତାର କା
ହୈ ଅଜ୍‌ବ ଜଲ୍‌ୱା ତେରି
କୁଦରତ୍ କା ପ୍ୟାରେ ହର୍ ତରଫ୍
ଜିସ୍ ତରଫ୍ ଦେଖୌଁ
ୱହି ରହ୍ ହୈ ତେରେ ଦିଦାର୍ କା
ଚଶ୍‌ମା ଏ ଖୁର୍‌ଶିଦ୍ ମେ ମୌଜେଁ
ତେରି ମଶହୁଦ୍ ହେଁ
ହର୍ ସିତାରେ ମେଁ ତମାଶା ହୈ
ତେରି ଚମ୍‌କାର କା

**ତୁନେ ଖୁଦ୍ ରୁହୋଁ ପେ ଅପ୍‌ନେ**
**ହାଥ୍‌ସେ ଛିଡ୍‌କା ନମକ୍**
**ଇସ୍ ସେ ହେଁ ଶୋରେ ମୋହବ୍‌ବତ**
**ଆଶିକାନେ ଜାର କା**
**କ୍ୟା ଅଜ୍‌ବ ତୁନେ ହରେକ୍**
**ଜର୍‌ରେ ମେ ରଖେ ହେଁ ଖ୍ୱାସ୍**
**କୌନ୍ ପଢ୍ ସକତା ହୈ ସାରା**
**ଦଫତର୍ ଇନ୍ ଅସରାର୍ କା**
**ତେରି କୁଦରତ୍ କା କୋଇ ଭି**
**ଇନତହା ପାତା ନେହିଁ**
**କିସ ସେ ଖୁଲ୍‌ସକତା ହୈ ପେଚ୍**
**ଇସ୍ ଉକଦାଏ ଦୁଶଓ୍ୱାର କା**
**ଖୁବରୁଓଁ ମେଁ ମଲାହତ୍**
**ହୈ ତେରେ ଇସ୍ ହୁସନ୍ କୀ**
**ହର୍ ଗୁଲ୍ ଓ ଗୁଲଶନ୍ ମୈ ହୈ**
ରଙ୍ଗ୍ ଉସ୍ ତେରୀ ଗୁଲଜାର୍ କା
**ଚଶ୍‌ମେ ମସ୍ତେ ହର ହସିଁ**
**ହରଦମ୍ ଦିଖାତି ହୈ ତୁଝେ**
**ହାଥ ହୈ ତେରୀ ତରଫ୍**
**ହର୍ ଗେସୁଏ ଖୁମଦାର୍ କା**

ପ୍ରଭୁଙ୍କର ଜ୍ୟୋତି କିପରି ଦେଖି ପ୍ରକାଶମାନ,
ସେହି ତ ଅଟନ୍ତି ସକଳ ଜ୍ୟୋତି ଉତ୍ପତ୍ତି ସ୍ଥାନ ।
ସମଗ୍ର ଜଗତ ହେଉଛି ଗଢ଼ା ଦର୍ପଣ ପରି,
ନୟନ ତାହାଙ୍କ ଦର୍ଶନ ତେବେ ପାରିବ କରି ।
ବିଗତ ରାତିରେ ଚନ୍ଦ୍ରମା କରି ଅବଲୋକନ,
ହୋଇପଡ଼ିଲି ମୁଁ ବିବ୍ରତ ଅତିଶୟ ଯେ ଜାଣ ।
କାରଣ ତାହାରି ମଧ୍ୟରେ ମୋର ପ୍ରିୟ ବରଙ୍କ,
ରହିଥିଲା ସୁନ୍ଦରତାର ନିଦର୍ଶନ କେତେକ ।

**ସେହି ଅପରୂପ ସୌନ୍ଦର୍ଯ୍ୟ ପ୍ରଭାବରେ ପଡ଼ିଣ,**
ମୋ ମନ ମଧ୍ୟରେ ଭୀଷଣ ହେଉଛି ଆଲୋଡ଼ନ ।
କର ନାହିଁ ଆଉ ବର୍ଣ୍ଣନ ତୁମେ ମୋର ସମୀପ,
ତାତାର ଅଥବା ତୁର୍କଙ୍କ ଚକ୍ଷୁରୋଚକ ରୂପ ।
ଆହେ ପ୍ରିୟତମ ପ୍ରକାଶ ପାଇଅଛି ସର୍ବତ୍ର,
ତୁମରି ସୃଜନୀ ଶକତି ଅଟେ କେଡ଼େ ବିଚିତ୍ର ।
ଯେଉଁ ଦିଗେ ମୁହ ଚାହୁଁଛି ସେହି ଦିଗେ ଦେଖୁଛି,
ସକଳ ସରଣୀ ତୁମରି ଦର୍ଶନାର୍ଥେ ପଡ଼ିଛି ।
ସୂର୍ଯ୍ୟର ନିର୍ଝରେ ତୁମରି ଶକ୍ତି ଜୁଆର ଦିଶେ,
**ପ୍ରତ୍ୟେକ ତାରକା ତୁମରି ଗଉରବେ ଝଲସେ ।**
ସ୍ୱହସ୍ତେ ଛିଞ୍ଚିଲି ଲବଣ ପୀଡ଼ିତ ହୃଦୟରେ,
ଫଳେ ଆର୍ତ୍ତନାଦ କରନ୍ତି ପ୍ରେମୀମାନେ ଦୁଃଖରେ,
କି ରହସ୍ୟ ତୁମେ ରଖିଛ ପ୍ରତି ଅଣୁ ମଧ୍ୟରେ,
କେହି କେବେ ସେହି ରହସ୍ୟ ରାଜି କି ପଢ଼ିପାରେ ?
ତୁମରି ସୃଷ୍ଟିରେ ଅନ୍ତ ମୁଁ ପାଉ ନାହିଁ କେଉଁଠି,
ଖୋଲି କେ ପାରିବ ଏ କଷ୍ଟ ପ୍ରହେଳିକାର ଗଣ୍ଠି ।
ପ୍ରତ୍ୟେକ ସୁନ୍ଦର ବସ୍ତୁରେ ନିହିତ ତୁମ କାନ୍ତି,
ତୁମରି ଆଭାରେ ରଞ୍ଜିତ ହୋଇ ଫୁଲ ଫୁଟନ୍ତି ।
**ଦେଇଛ ଯାହାଙ୍କୁ ନୟନ ମାଦକତାରେ ପୂର୍ଣ୍ଣ,**
ସେମାନେ ସର୍ବଦା କରାନ୍ତି ତୁମରି ଦରଶନ ।
ଦେଇଛ ଯାହାଙ୍କ ମସ୍ତକେ ଚାରୁଚୂର୍ଣ୍ଣ କୁନ୍ତଳ,
ତୁମ ଆଡ଼େ ହାତ ଦେଖାନ୍ତି ସେହିମାନେ କେବଳ ।

**(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୨, ପୃ ୫୨; ସୁରମା ଏ ଚଶମା ଏ ଆରିୟା, ପୃ ୪; ଅଲ୍ଲାଃଙ୍କ ସ୍ତବ କବିତାର ଉଦ୍ଧୃତାଂଶ)**

ଅନ୍ତର୍ଜଗତର ହୁଅନ୍ତୁ ବା ବହିର୍ଜଗତର ହୁଅନ୍ତୁ, ସମସ୍ତ ଦେବାଦେବୀଙ୍କୁ ଅସ୍ୱୀକାର କରିବା ପରେ ହିଁ ଏକେଶ୍ୱରବାଦର ଜ୍ୟୋତି ହୃଦୟକୁ ଆଲୋକିତ କରିଥାଏ । ମଣିଷର ପ୍ରତ୍ୟେକଟି ଅଣୁ ଭିତରକୁ ଏହା ପ୍ରବେଶ କରିଥାଏ । ଅଲ୍ଲାଃ ବା ତାଙ୍କ ବାର୍ତ୍ତାବହଙ୍କର ବିନା

ସାହାଯ୍ୟରେ ଏହା କିପରି ହାସଲ କରାଯାଇ ପାରିବ ? ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେଉଛି ତା'ର ଅହଂଙ୍କୁ ଧ୍ୱଂସ କରିବା ଓ ଶୈତାନ ସୁଲଭ ଗର୍ବ ଭାବକୁ ପରିତ୍ୟାଗ କରିବା । ଜ୍ଞାନର ଦୋଳାରେ ପ୍ରତିପାଳିତ ହୋଇଛି ବୋଲି ସେ ଗର୍ବ କରିବା ଉଚିତ ନୁହେଁ । ବରଂ ସେ ନିଜକୁ ଜଣେ ସାମାନ୍ୟ ଅଜ୍ଞ ବ୍ୟକ୍ତି ବୋଲି ଭାବିବା ଉଚିତ ଓ ବିନୀତ ଭାବରେ ନିଜର ପ୍ରାର୍ଥନା ଜାରି ରଖିବା ଉଚିତ । ତାହାହେଲେ ଯାଇ ଏକେଶ୍ୱରବାଦର ଜ୍ୟୋତି ତା' ଉପରେ ବିଚ୍ଛୁରିତ ହେବ ଓ ତାକୁ ନୂତନ ଜୀବନ ପ୍ରଦାନ କରିବ ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୨୨, ପୃ. ୧୪୮ ; ହକିକତୁଲ ଓହି)

# ପବିତ୍ର ରସୁଲ ହଜରତ ମୁହମ୍ମଦ

(ତାଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ଓ ଆଶିଷ ବିରାଜିତ ହେଉ)

ମଣିଷକୁ ଅର୍ଥାତ୍ ମଣିଷମାନଙ୍କ ଭିତରେ ଯିଏ ସର୍ବାଧିକ ସର୍ବଗୁଣସମ୍ପନ୍ନ ମଣିଷ, ତାହାଙ୍କୁ ଯେଉଁ ମହାନ୍ ଜ୍ୟୋତି ପ୍ରଦାନ କରାଯାଇଥିଲା, ତାହା ଦେବଦୂତମାନେ ପାଇ ପାରି ନଥିଲେ କି ତାହା ନକ୍ଷତ୍ର ବା ଚନ୍ଦ୍ର ବା ସୂର୍ଯ୍ୟ ଅଥବା ମହାସାଗର ଓ ନଦ ନଦୀମାନଙ୍କରେ ନଥିଲା । ଏହା ମର୍କତ ମଣି, ନୀଳକାନ୍ତ ମଣି, ପଦ୍ମରାଗ ମଣିରେ ବା ମୁକ୍ତାରେ ନଥିଲା । ବସ୍ତୁତଃ ଏହା କୌଣସି ପାର୍ଥିବ କିମ୍ବା ସ୍ୱର୍ଗୀୟ ବସ୍ତୁରେ ନଥିଲା । ଏହା କେବଳ ଜଣେ ମଣିଷ ଠାରେ ଥିଲା ଓ ସେ ଥିଲେ ସର୍ବଗୁଣ ସମ୍ପନ୍ନ ସଂପୂର୍ଣ୍ଣ ମାନବ । ସେ ଥିଲେ ଆମର ମୁନିବ ତଥା ସ୍ୱାମୀ, ଅଲ୍ଲାଃଙ୍କ ଦ୍ୱାରା ମନୋନୀତ ଯୁଗପୁରୁଷ, ସମସ୍ତ ରସୁଲଙ୍କ ମୁଖ୍ୟ (ଅଲ୍ଲାଃଙ୍କ ଦୃଷ୍ଟିସୀମା ମଧ୍ୟରେ ଯେତେଲୋକ ଅଛନ୍ତି ସେହି) ଲୋକମାନଙ୍କର ନେତା । ସେ ଥିଲେ ହଜରତ ମୁହମ୍ମଦ ଯାହାଙ୍କ ବ୍ୟକ୍ତିତ୍ୱ ଭିତରେ ସର୍ବାଙ୍ଗ ସୁନ୍ଦର ଭାବେ ତାହା ପ୍ରକଟିତ ହୋଇଥିଲା । ଅତଏବ ସେହି ଜ୍ୟୋତି ତାଙ୍କୁ ହିଁ ପ୍ରଦାନ କରାଯାଇଥିଲା ଓ ଅନୁରୂପ ଭାବରେ ଅନ୍ୟ ଯେଉଁମାନେ ବିଭିନ୍ନ ଦୃଷ୍ଟିରୁ ତାଙ୍କର ଅନୁଗତ ଥିଲେ ସେମାନଙ୍କୁ ମଧ୍ୟ କେତେକାଂଶରେ ସେହି ଜ୍ୟୋତି ପ୍ରଦନା କରାଯାଇଥିଲା । କିନ୍ତୁ ଆମର ମୁନିବ ଓ ସ୍ୱାମୀ, ଆମର ପଥ ପ୍ରଦର୍ଶକ ସ୍ୱାମୀ, ସେହି ନିରକ୍ଷର ରସୁଲ, ସେହି ସତ୍ୟାର୍ଥ ପୁରୁଷ, ଯାହାଙ୍କ ସତ୍ୟନିଷ୍ଠତା ପରୀକ୍ଷିତ ହୋଇଛି, ସେହି ମନୋନୀତ ଯୁଗପୁରୁଷ ହଜରତ ମୁହମ୍ମଦ[ସଅ] ସେହି ମହାନ୍ ଗୌରବକୁ ତା'ର ପୂର୍ଣ୍ଣାଙ୍ଗ ଓ ସର୍ବାଙ୍ଗ ସୁନ୍ଦର ଅବସ୍ଥାରେ ହାସଲ କରିଥିଲେ ।

**(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୫, ପୃ. ୧୬୦-୧୬୨ ; ଆଇନା ଏ କମାଲାତ ଏ ଇସଲାମ)**

ଏହି ଆରବ ଦେଶୀୟ ରସୁଲ ଯାହାଙ୍କ ନାମ ମୁହମ୍ମଦ[ସଅ] ତାଙ୍କୁ ମୁଁ ସର୍ବଦା ବିସ୍ମୟକର ଦୃଷ୍ଟିରେ ଦେଖେ (ସହସ୍ର ସହସ୍ର ଶାନ୍ତି ଓ ଆଶିଷ ତାଙ୍କରି ଉପରେ ବିରାଜିତ ହେଉ) ସତରେ ସେ କେତେ ଉଚ୍ଚକୋଟୀର ରସୁଲ ଥିଲେ ! ତାଙ୍କ ସ୍ଥିତିର ସର୍ବଶେଷ ସୀମାକୁ କେହି ଅନୁମାନ କରି ପାରିବେ ନାହିଁ ଏବଂ ତାଙ୍କ ମହତ୍ୱ ପ୍ରଦାନକାରୀ ସେହି ଉତ୍ତୁଙ୍ଗ ପଦମର୍ଯ୍ୟାଦାକୁ ଉପଯୁକ୍ତ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ । ସେହି ମହାବିଜୟୀ ଯୋଦ୍ଧାଙ୍କ ଦ୍ୱାରା ଧରାପୃଷ୍ଠରୁ ଅଦୃଶ୍ୟ ହୋଇ ଯାଇଥିବା ସେହି ଏକେଶ୍ୱରବାଦକୁ ପୁନଃ ପ୍ରତିଷ୍ଠିତ କରାଯାଇଛି । ସେ ଖୁବ୍ ଗଭୀର ଭାବରେ ଅଲ୍ଲାଃଙ୍କୁ ପ୍ରେମ କରୁଥିଲେ ଓ ସେହିଭଳି ମାନବଜାତି ପାଇଁ ତାଙ୍କର ପ୍ରାଣ କରୁଣାରେ ଜର୍ଜରିତ ହେଉଥିଲା । ସେଥିଲାଗି ଅଲ୍ଲାଃ ଯେ କି ତାଙ୍କ ହୃଦୟରେ ଲୁକ୍କାୟିତ ସଦ୍‌ଗୁଣାବଳୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବହିତ ଥିଲେ, ସେ ତାଙ୍କୁ ସମସ୍ତ ରସୁଲଙ୍କ ଉପରେ ତଥା ଅତୀତ ଓ ଭବିଷ୍ୟତର ସମସ୍ତ ଲୋକଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଥିଲେ ଏବଂ ତାଙ୍କ ଜୀବଦ୍ଦଶା ମଧ୍ୟରେ ତାଙ୍କ ଆନ୍ତରିକ ଇଚ୍ଛାକୁ ପୂରଣ କରିଥିଲେ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୨, ପୃ. ୧୧୮-୧୧୯ ; ହକିକତୁଲ ଓହି)

ଆମର ପବିତ୍ର ରସୁଲ (ଅଲ୍ଲାଃଙ୍କର ଶାନ୍ତି ଓ ଆଶିଷ ତାଙ୍କ ଉପରେ ବିରାଜିତ ହେଉ) ତାଙ୍କ ଭିତରେ ସବୁ ରସୁଲଙ୍କ ନାମକୁ ଠୁଳ କରିଥିଲେ । ଯେହେତୁ ଅନ୍ୟ ସମସ୍ତ ରସୁଲଙ୍କ ଭିତରେ ଆମେ ବ୍ୟାପକ ଭାବରେ ଦେଖୁଥିବା ମହାନ୍ ଗୁଣମାନ ତାଙ୍କରି ଭିତରେ ମିଶି ରହିଥିଲା, ତେଣୁ ସେ ହିଁ ମୁସା ଓ ସେ ହିଁ ଇସା, ସେ ହିଁ ଆଦମ, ସେ ହିଁ ଇବ୍ରାହିମ ଓ ସେ ହିଁ ୟୁସୁଫ ଏବଂ ସେ ହିଁ ୟାକୁବ । ଗୌରବମୟ ଅଲ୍ଲାଃ ପବିତ୍ର କୁରଆନରେ ଏହାର ସୂଚନା ଦେଇଛନ୍ତି । فَبِهُدٰهُمُ اقْتَدِهْ

'ତେଣୁ ତୁମ୍ଭେ ସେମାନଙ୍କ ମାର୍ଗ ପ୍ରଦର୍ଶନକୁ ଅନୁସରଣ କର' (୬:୯୧ ଦ୍ରଷ୍ଟବ୍ୟ) । ଅର୍ଥାତ୍ ହେ ଅଲ୍ଲାଃଙ୍କ ରସୁଲ ! ତୁମେ ନିଜ ଭିତରେ ସେ ସମସ୍ତ ରସୁଲଙ୍କର ବିଭିନ୍ନ ଉପଦେଶକୁ ଏକାଠି ରଖ । ଏଥିରୁ ପ୍ରତିପାଦିତ ହେଉଛି ଯେ ପବିତ୍ର ରସୁଲ[ସଅ]ଙ୍କ ଭିତରେ ସମସ୍ତ ରସୁଲଙ୍କ ସଦ୍‌ଗୁଣାବଳୀ ସମ୍ମିଳିତ ହୋଇ ରହିଅଛି । ବାସ୍ତବରେ 'ମୁହମ୍ମଦ' ନାମ ହିଁ ଏହି ଦିଗକୁ ନିର୍ଦ୍ଦେଶ ଦେଉଅଛି । କାରଣ ଏହାର ଅର୍ଥ 'ସର୍ବାଧିକ ଉଚ୍ଚ ପ୍ରଶଂସିତ ବ୍ୟକ୍ତି' । ଯଦି ଏହାକୁ ଗ୍ରହଣ କରି ନିଆଯାଏ ଯେ ସମସ୍ତ ରସୁଲଙ୍କ ସର୍ବୋତ୍ତମ ସଦ୍‌ଗୁଣାବଳୀ ତଥା ବିଶେଷ ଗୁଣାବଳୀ ତାଙ୍କ ଭିତରେ ଠୁଳ ହୋଇ ରହିଛି, ତେବେ ଯାଇ ସର୍ବୋଚ୍ଚ ପ୍ରଶଂସାକୁ ହୃଦୟଙ୍ଗମ କରିହେବ ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୫, ପୃ. ୩୪୩ : ଆଇନା ଏ କମାଲାତ ଏ ଇସଲାମ)

ମୋତେ ବୁଝାଇ ଦିଆଯାଇଛି ଯେ ସମସ୍ତ ରସୁଲଙ୍କ ମଧ୍ୟରୁ ଯେଉଁ ରସୁଲ ତତ୍ତ୍ୱଜ୍ଞାନପୂର୍ଣ୍ଣ, ସର୍ବଗୁଣ-ସମନ୍ୱିତ ଓ ପରମ ପବିତ୍ର ଉପଦେଶମାନ ଦେଇଛନ୍ତି ଏବଂ ଯେ ଆଦର୍ଶ ସ୍ଥାନୀୟ ମାନବୀୟ ଗୁଣାବଳୀ ନିଜଠାରେ ପ୍ରଦର୍ଶିତ କରିଛନ୍ତି ସେ ହେଉଛନ୍ତି ସେହି ପବିତ୍ର ରସୁଲ ମୁହମ୍ମଦ[ସଅ], ଆମର ମୁନିବ ଓ ସ୍ୱାମୀ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୧୭, ପୃ. ୩୪୫ ; ଅରବଇନ, ସଂ. ୧, ପୃ. ୩)

ଯେବେ ଆମେ ନିରପେକ୍ଷ ଭାବରେ ତଥା ନ୍ୟାୟ ସଂଗତ ରୂପେ ଅତୀତର ସମସ୍ତ ରସୁଲଙ୍କୁ ଲକ୍ଷ୍ୟ କରିବା, ତେବେ ଦେଖିବାକୁ ପାଇବା ଯେ ଇସଲାମର ପବିତ୍ର ରସୁଲ ମୁହମ୍ମଦ[ସଅ] ସେମାନଙ୍କ ଭିତରେ ସର୍ବଶ୍ରେଷ୍ଠ ବୀର ରୂପେ, ଜୀବନାଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ତଥା ଅଲ୍ଲାଃଙ୍କର ପରମ ପ୍ରିୟ ନବୀ ରୂପେ ସ୍ୱତନ୍ତ୍ର ଜଣାପଡ଼ିବେ ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧୨, ପୃ. ୮୨ ; ସିରାଜୁମ ମୁନିର)

ଆରବର ମରୁଭୂମିରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା, ଯେତେବେଳେ କି ଅଳ୍ପ ଦିନ ଭିତରେ ଶତ ସହସ୍ର ମୃତ ବ୍ୟକ୍ତି ଜୀବିତ ହୋଇ ଉଠିଲେ ଓ ଯେଉଁମାନେ ବଂଶାନୁକ୍ରମେ ଭ୍ରଷ୍ଟାଚାରରେ ଲିପ୍ତ ଥିଲେ, ସେମାନେ ଦିବ୍ୟ ରଙ୍ଗ ଧାରଣ କଲେ । ଅନ୍ଧ ଦେଖିବାକୁ ଲାଗିଲା ଓ ମୂକର ଜିହ୍ୱାରେ ଦିବ୍ୟ ଜ୍ଞାନ ସଞ୍ଚାଳିତ ହେଲା । ପୃଥିବୀରେ ଏପରି ଏକ ବିପ୍ଳବ ସୃଷ୍ଟି ହେଲା ଯାହା କେହି କେବେ ଦେଖି ନଥିଲେ କି ଶୁଣି ନଥିଲେ । ତୁମେ କ'ଣ ହୃଦୟଙ୍ଗମ କରିପାରୁଛ ଏହା କ'ଣ ? ଅନ୍ଧକାରମୟ ରାତ୍ରିମାନଙ୍କ ଭିତରେ ଜଣଙ୍କର ପ୍ରାର୍ଥନା ବଳରେ ଏସବୁ ଘଟିଗଲା । ସେ ସମ୍ପୂର୍ଣ୍ଣ ଭାବେ ଅଲ୍ଲାଃଙ୍କ ଭିତରେ ହଜି ଯାଇଥିଲେ । ଅଲ୍ଲାଃ ପୃଥିବୀରେ ଚହଳ ସୃଷ୍ଟି କଲେ ଓ ସେହି ନିଃସହାୟ ନିରକ୍ଷର ଲୋକଟିର ହାତରେ ଅସମ୍ଭବ ପରି ଜଣାପଡୁଥିବା ସେପରି ଅଦ୍ଭୁତ ଘଟଣାମାନ ପ୍ରକଟିତ କଲେ ।

اَللّٰهُمَّ صَلِّ وَ سَلِّمْ وَ بَارِکْ عَلَيْهِ وَ اٰلِهٖ بِعَدَدِ هَمِّهٖ وَ غَمِّهٖ وَ حُزْنِهٖ لِهٰذِهِ
الْاُمَّةِ وَ اَنْزِلْ عَلَيْهِ اَنْوَارَ رَحْمَتِکَ اِلَى الْاَبَدِ۔

ହେ ଅଲ୍ଲାଃ ! ମୁସଲିମ ସମ୍ପ୍ରଦାୟ (ଅର୍ଥାତ୍ ଇସଲାମ ଧର୍ମାବଲମ୍ବୀ ଲୋକମାନଙ୍କ) ପାଇଁ ଆପଣା ଆପଣା ଦୁଃଖ ଓ ଯନ୍ତ୍ରଣା ଅନୁପାତରେ ତାଙ୍କ ଉପରେ ଓ ତାଙ୍କ ଅନୁଗତମାନଙ୍କ ଉପରେ ଶାନ୍ତି ଓ ଆଶିଷ ଅଜାଡି ଦିଅ ଓ ସବୁଦିନ ପାଇଁ ତାଙ୍କ ଉପରେ ତୁମ କୃପାଲୋକ ବୃଷ୍ଟି କର ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ, ୬, ପୃ ୧୦-୧୧ ; ବରକାତୁଦ ଦୁଆ)

# ପ୍ରତିଶ୍ରୁତ ମସିହଙ୍କ ଲକ୍ଷ୍ୟ

ଇତିମଧ୍ୟରେ ମୁଁ ସ୍ୱପ୍ନରେ ଦେଖିଲି ଯେ ଲୋକମାନେ ଜଣେ ନବ ଜୀବନଦାତାଙ୍କୁ ଖୋଜୁଛନ୍ତି । ସେମାନଙ୍କ ଭିତରୁ ଜଣେ ବାହାରି ଆସିଲା ଓ ମୋ ଆଡ଼କୁ ନିର୍ଦ୍ଦେଶ କରି କହିଲା; هٰذَا رَجُلٌ يُّحِبُّ رَسُوْلَ اللّٰهِ ଏଇ ହେଉଛି ସେହି ବ୍ୟକ୍ତି ଯେ କି ଅଲ୍ଲାଃଙ୍କ ରସୁଲଙ୍କୁ ଭଲ ପାଏ । ତାଙ୍କର ଏପରି କହିବାର ତାତ୍ପର୍ଯ୍ୟ ହେଉଛି ଯେ ଯେଉଁ ମୁଖ୍ୟ ଗୁଣ ସେହି ପୂର୍ବ ନିର୍ଦ୍ଦିଷ୍ଟ ନବ ଜୀବନଦାତାଙ୍କର ରହିବା କଥା, ତା' ହେଉଛି ପବିତ୍ର ରସୁଲଙ୍କ ପ୍ରତି ପ୍ରେମ ଓ ସେମାନଙ୍କ କଥା ଅନୁସାରେ ମୁଁ ନିଶ୍ଚିତ ରୂପେ ଏହି ସର୍ତ୍ତ ପୂରଣ କରିଅଛି ।

**(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧, ପୃ. ୫୨୮ ; ବ୍ରାହିନ ଏ ଅହମଦିୟା, ପ୍ରଥମ ସଂସ୍କରଣ ପୃ. ୫୦୩ ଟୀକା ୩)**

ଜଗତ ମୋତେ ଗ୍ରହଣ କରିବ ନାହିଁ, ଯେହେତୁ ମୁଁ ଏ ଜଗତର ନୁହେଁ । କିନ୍ତୁ ଯେଉଁମାନଙ୍କ ଠାରେ ଅନ୍ୟ ଜଗତର କିଛି ଅଛି, ସେମାନେ ମୋତେ ଗ୍ରହଣ କରୁଛନ୍ତି ଓ ଗ୍ରହଣ କରିବେ । ଯିଏ ମୋତେ ପ୍ରତ୍ୟାଖ୍ୟାନ କରେ ସେ ତାଙ୍କୁ ହିଁ ପ୍ରତ୍ୟାଖ୍ୟାନ କରେ, ଯିଏ ମୋତେ ପଠାଇଛନ୍ତି । ଯେଉଁ ବ୍ୟକ୍ତି ମୋ ସହିତ ସଂଶ୍ଳିଷ୍ଟ ସେ ତାଙ୍କ ସହିତ ମଧ୍ୟ ସଂଶ୍ଳିଷ୍ଟ, ଯାହାଙ୍କର ମୁଁ ପ୍ରତିନିଧିତ୍ୱ କରୁଛି । ମୋର ଏକ ମଶାଲ ଅଛି ଯାହା ମୋ ପାଖକୁ ଆସୁଥିବା ଲୋକଙ୍କୁ ଆଲୋକିତ କରିବ । କିନ୍ତୁ ଯିଏ ସନ୍ଦେହ କରିବ, ଅବିଶ୍ୱାସ କରିବ ଓ ଦୂରେଇ ଯିବ ସେ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ ହେବ । ଏ ଯୁଗରେ ମୁଁ ହେଉଛି ଅଭେଦ୍ୟ ଦୁର୍ଗ; ଯିଏ ମୋ ଭିତରକୁ ଆସିବ ସେ ଚୋର, ଡ଼କାଏତ ଓ ହିଂସ୍ରଜନ୍ତୁଙ୍କ ଠାରୁ ସୁରକ୍ଷିତ ହୋଇ ରହିବ ।

**(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୩, ପୃ ୩୪ ; ଫତେଃ ଇସଲାମ, ପ୍ରଥମ ସଂସ୍କରଣ, ପୃ୫୭-୫୮)**

ମୁଁ ସର୍ବଶକ୍ତିମାନ୍ ପରମେଶ୍ୱର ଯାହାଙ୍କ ହାତରେ ମୋ ଜୀବନ ଅଛି, ତାହାଙ୍କ ନାମରେ ଶପଥ ପୂର୍ବକ କହୁଛି ଯେ ସେ ଅନ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ତୁଳନାରେ ମୋତେ ପବିତ୍ର କୁରଆନର ଗୁଢ଼ ରହସ୍ୟ ଓ ତତ୍ତ୍ୱ ଜ୍ଞାନକୁ ବୁଝିବା ପାଇଁ ଦକ୍ଷତା ଓ ପ୍ରବେଶ ପ୍ରଦାନ କରିଛନ୍ତି । ଯଦି ମୋତେ ବିରୋଧ କରୁଥିବା କୌଣସି ମୌଲବୀ, ଅର୍ଥାତ୍ ପାରମ୍ପରିକ ମୁସଲମାନ ପଣ୍ଡିତ, ମୋର ବାରମ୍ବାର ଆମନ୍ତ୍ରଣର ଉତ୍ତରରେ ପବିତ୍ର କୁରଆନକୁ ବ୍ୟାଖ୍ୟା କରିବାରେ ମୋ ସହିତ ପ୍ରତିଯୋଗିତା କରିବାକୁ ଆସନ୍ତି, ତେବେ ନିଶ୍ଚିତ ରୂପେ ଅଲ୍ଲାଃ ତାଙ୍କ ପ୍ରଚେଷ୍ଟାକୁ ବିଫଳ କରି ଦେଇଥା'ନ୍ତେ ତଥା ତାଙ୍କ ଅଜ୍ଞତାକୁ ପଦାରେ ପକାଇ ଦେଇଥାନ୍ତେ । ତେଣୁ

କୁରଆନର ଜ୍ଞାନ ଯାହାକି ମୋତେ ପ୍ରଦାନ କରାଯାଇଛି, ତାହା ଗୌରବମୟ ଅଲ୍ଲାଃଙ୍କ ନିଦର୍ଶନ ଓ ଅଲ୍ଲାଃଙ୍କ କୃପା ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି, ତାହା ଦୁନିଆ ଖୁବ୍ ଶୀଘ୍ର ଦେଖିବ ଯେ ମୋର ଦାବି ଯଥାର୍ଥ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ. ୧୨, ପୃ. ୪୧, ସିରାଜୁମ ମୁନିର ପୃ. ୩୯)

ମୁଁ ଏକାକୀ ନାହିଁ । ସେଇ ମହାନ୍ ପ୍ରଭୁ ମୋ ସହିତ ଅଛନ୍ତି । ତାଙ୍କ ବ୍ୟତୀତ କେହି ମୋର ନିକଟତର ହୋଇପାରିବେ ନାହିଁ । ତାଙ୍କର କୃପା ବଳରେ ହିଁ ସମସ୍ତ ଦୁଃଖ କଷ୍ଟ ଭିତରେ ତାଙ୍କ ପାଇଁ ସେବା କରିବାକୁ ସଦା ଇଚ୍ଛୁକ ଏକ ସ୍ନେହପୂର୍ଣ୍ଣ ଆତ୍ମା ମୁଁ ପାଇଛି । ଯାହା ଫଳରେ କି ମୁଁ ଆଗ୍ରହ ଓ ନିଷ୍ଠାର ସହିତ ଧର୍ମ ପାଇଁ ସର୍ବୋତ୍କୃଷ୍ଟ ସେବା କରିବି ଓ ଇସଲାମ ପାଇଁ ଏକ ବିରାଟ ଆଧ୍ୟାତ୍ମିକ ଅଭିଯାନକୁ ବିଜୟ ପର୍ଯ୍ୟନ୍ତ ଆଗେଇ ନେବି । ଏହା ସମ୍ପୂର୍ଣ୍ଣ କରିବା ପାଇଁ ସେ ମୋତେ ହିଁ ନିଯୁକ୍ତ କରିଛନ୍ତି ଓ ଏହି ଅଭିଯାନରୁ ମୋତେ କେହି କ୍ଷାନ୍ତ କରିପାରିବେ ନାହିଁ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ. ୫, ପୃ. ୩୫ ; ଆଇନା ଏ କମାଲାତ ଏ ଇସଲାମ, ପୃ. ୩୫)

ଜଣେ ସଚ୍ଚୋଟ ବ୍ୟକ୍ତି ପକ୍ଷେ ଏହା ଲକ୍ଷ୍ୟ କରିବା ଯଥେଷ୍ଟ ହେବ ଯେ ମୁଁ ଅଲ୍ଲାଃଙ୍କ ଦ୍ୱାରା ଜଣେ ଦୁରାଚାରୀ ଭଳି ବିନଷ୍ଟ ହୋଇନାହିଁ । ବରଂ ମୋର ଶରୀର ମୋ ଆତ୍ମା ଉପରେ ଭିତରୁ ଓ ବାହାରୁ ସେ ଏପରି ଆଶିଷ ବୃଷ୍ଟି କରିଛନ୍ତି ଯେ ତା'ର ହିସାବ ମୁଁ କରିପାରିବି ନାହିଁ । ମୁଁ ଯେତେବେଳେ ଦିବ୍ୟ ପ୍ରକଟନ ଗ୍ରହଣ କରିବା ବିଷୟରେ ଦାବି କରୁଥିଲି, ସେତେବେଳେ ମୁଁ ଥିଲି ଜଣେ ଯୁବକ, ମୁଁ ବର୍ତ୍ତମାନ ବୃଦ୍ଧ ହେଲିଣି । ମୁଁ ଦାବି କରିବା ଠାରୁ କୋଡ଼ିଏ ବର୍ଷରୁ ଅଧିକ ସମୟ ଅତିବାହିତ ହେଲାଣି । ମୋଠାରୁ ଅଳ୍ପବୟସ୍କ ଅନେକ ପ୍ରିୟ ବନ୍ଧୁ ଇତି ମଧ୍ୟରେ ଚାଲିଗଲେଣି, ଅଥଚ ସେ ମୋତେ ଏହି ପରିପକ୍ୱ ବାର୍ଦ୍ଧକ୍ୟ ଦେଇଛନ୍ତି ଓ ସେ ହିଁ ମୋର ଉପଦେଷ୍ଟା ହୋଇ ରହିଛନ୍ତି । ସବୁ ପ୍ରକାର ଆପଦବିପଦ ବେଳେ ମୋତେ ସାହାଯ୍ୟ କରିବା ପାଇଁ ସେ ହିଁ ଯଥେଷ୍ଟ । ତେବେ କୁହ ତ ଭଲା, ଅଲ୍ଲାଃଙ୍କ ଉପରେ ଯେଉଁମାନେ ମିଛରେ ଦୋଷାରୋପ କରନ୍ତି କ'ଣ ସେମାନଙ୍କର ଲକ୍ଷଣ ଏପରି ?

(ରୁହାନି ଖଜାଏନ୍, ଗ୍ରନ୍ଥ ୧୧, ପୃ. ୫୦-୫୧, ଅନଜାମେ ଆଥମ)

# ଜମାଅତ ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟ

ବନ୍ଧୁଗଣ ! ତୁମେ ଯେଉଁମାନେ ମୋ ସମ୍ପ୍ରଦାୟରେ ଦୀକ୍ଷା ଗ୍ରହଣ କରିଛ, ଅଲ୍ଲାଃ ମୋତେ ଓ ତୁମମାନଙ୍କୁ ସେହି କାର୍ଯ୍ୟ କରିବାକୁ ସମର୍ଥ କରାନ୍ତୁ ଯାହା ତାଙ୍କୁ ସନ୍ତୁଷ୍ଟ କରିବ । ଆଜି ଅବଶ୍ୟ ତୁମେମାନେ ସଂଖ୍ୟାନ୍ୟୁନ ଏବଂ ତୁମମାନଙ୍କୁ ଅବମାନନା କରାଯାଉଛି ଓ ତୁମେମାନେ ବହୁ ଦୁଃଖ କଷ୍ଟ ଭିତରେ ଓ ପରୀକ୍ଷା ମଧ୍ୟ ଦେଇ ଗତି କରୁଛ । ଅଲ୍ଲାଃଙ୍କ ପ୍ରତିଷ୍ଠିତ ରୀତିନୀତି ଅନୁଯାୟୀ କେଉଁ ଅନାଦି କାଳରୁ ତାଙ୍କ ଦ୍ୱାରା ଏହା ନିର୍ଦ୍ଦେଶିତ ଯେ ଚାରିଆଡୁ ଉଦ୍ୟମ ହେବ ଯେପରି କି ତୁମେମାନେ ଝୁଣ୍ଟି ପଡ଼ିବ । ତୁମମାନଙ୍କୁ ବହୁ ପ୍ରକାରେ ହଇରାଣ ହରକତ କରାଯିବ ଓ ସବୁପ୍ରକାର କଥାକୁ ତୁମମାନଙ୍କୁ ସହ୍ୟ କରିବାକୁ ପଡ଼ିବ । ସେମାନଙ୍କ ଭିତରୁ ଯିଏ ତୁମମାନଙ୍କୁ କଥାରେ ବା କାର୍ଯ୍ୟରେ କଷ୍ଟ ଦିଏ, ସିଏ ଭାବିବ ଯେ ଇସଲାମର ହିତାର୍ଥେ ସେ ଏପରି କରୁଛି । ସ୍ୱର୍ଗରୁ ମଧ୍ୟ ତୁମମାନଙ୍କ ପ୍ରତି ବହୁ ଦୁଃଖ କଷ୍ଟ ପ୍ରେରିତ ହେବ, ଯାହାଫଳରେ ତୁମମାନଙ୍କୁ ସବୁ ପ୍ରକାରେ ପରୀକ୍ଷା କରାଯିବ । ତେଣୁ ଶୁଣ ! ତୁମମାନଙ୍କର ଶୁଷ୍କ ଯୁକ୍ତି ଦିଗରେ ତୁମମାନଙ୍କ ବିଜୟର ପଥ ପଡ଼ିନାହିଁ କିମ୍ବା ଏପରି ନୁହେଁ ଯେ ତୁମେମାନେ ବିଦ୍ରୁପ ବଦଳରେ ବିଦ୍ରୁପାତ୍ମକ କଥା କହିବ ଅଥବା ଗାଳି ବଦଳରେ ଗାଳି ଦେବ । ଯଦି ତୁମେମାନେ ଏପରି ମାର୍ଗ ଅନୁସରଣ କରିବ, ତେବେ ତୁମମାନଙ୍କର ହୃଦୟ କଠୋର ହୋଇଯିବ ଓ ତୁମେମାନେ କେବଳ କେତେକ କଥାରେ ରହିଯିବ, ଯାହାକୁ ସର୍ବଶକ୍ତିମାନ୍ ପରମେଶ୍ୱର ନାପସନ୍ଦ୍ କରନ୍ତି ଓ ଘୃଣା ଚକ୍ଷୁରେ ଦେଖନ୍ତି । ସୁତରାଂ ସେପରି ବ୍ୟବହାର କର ନାହିଁ ଯାହାଦ୍ୱାରା ତୁମେମାନେ ଦୁଇଟି ଅଭିଶାପର ବଶବର୍ତ୍ତୀ ହେବ । ସେଗୁଡ଼ିକ ହେଉଛି ଲୋକଙ୍କ ଅଭିଶାପ ଓ ଅଲ୍ଲାଃଙ୍କ ଅଭିଶାପ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ. ୩, ପୃ. ୫୪୬-୫୪୭; ଅଜାଲା ଏ ଅଓହାମ, ଭାଗ ୨, ପୃ. ୮୨୫-୮୨୬, ପ୍ରଥମ ସଂସ୍କରଣ)

କ୍ଷଣକ ପାଇଁ ଭାବ ନାହିଁ ଯେ ଅଲ୍ଲାଃ ତୁମମାନଙ୍କୁ ନଷ୍ଟ ହେବାକୁ ଛାଡ଼ିଦେବେ । ବାସ୍ତବରେ ତୁମେମାନେ ହେଉଛ ଏପରି ଏକ ବୀଜ ଯାହାକୁ ଅଲ୍ଲାଃ ନିଜ ହାତରେ ଭୂମିରେ ରୋପଣ କରିଛନ୍ତି ଓ ଘୋଷଣା କରିଛନ୍ତି ଯେ ଏହି ବୀଜ ଅଙ୍କୁରିତ ହେବ ଓ ବଢ଼ିବ ଏବଂ ସବୁ ଦିଗକୁ ଶାଖା ମେଲିବ ତଥା ଏହା ଏକ ବିଶାଳ ବୃକ୍ଷରେ ପରିଣତ ହେବ ।

ତେଣୁ ସେହି ହେବ ଭାଗ୍ୟବାନ୍ ଯିଏ ଅଲ୍ଲାଃଙ୍କ ବାଣୀରେ ବିଶ୍ୱାସ କରେ । ତେଣୁ ସେହି ବ୍ୟକ୍ତି ମଧ୍ୟବର୍ତ୍ତୀକାଳୀନ ଦୁଃଖ କଷ୍ଟକୁ ଭୟ କରିବା ଉଚିତ ନୁହେଁ । କାରଣ ଦୁଃଖ କଷ୍ଟ

ଆସିବା ଦରକାର, ଯଦ୍ଦ୍ୱାରା ଅଲ୍ଲାଃ ବାଛି ପାରିବେ ଯେ ସମ୍ପ୍ରଦାୟଭୁକ୍ତ ହେବାପରେ ତୁମମାନଙ୍କ ଭିତରୁ କିଏ ସତ୍, କିଏ ଅସତ୍ । କୌଣସି ଦୁଃଖ କଷ୍ଟ ଭିତରେ ଯେଉଁ ବ୍ୟକ୍ତି ଆଣ୍ଠେଇ ପଡ଼ିବ ସେ ଅଲ୍ଲାଃଙ୍କର କୌଣସି କ୍ଷତି କରିପାରିବ ନାହିଁ ଓ ପରିଶେଷରେ ତା'ର ଦୁର୍ଭାଗ୍ୟ ତାକୁ ନରକକୁ ନେଇଯିବ । ସେ ଭାବିବ, ସେ ଜନ୍ମ ହୋଇ ନଥିଲେ ବରଂ ତା' ପକ୍ଷରେ ଭଲ ହୋଇଥା'ନ୍ତା । ଯେତେ ଦୁର୍ବିପାକର ସମ୍ମୁଖୀନ ହୋଇଥିଲେ ହେଁ ଓ ଯେତେ ଅନ୍ୟାୟ ଓ ଅତ୍ୟାଚାର ଭିତରେ ଗତି କରିଥିଲେ ହେଁ ଯେଉଁମାନେ ଶେଷ ପର୍ଯ୍ୟନ୍ତ ଅଟକ ରହିଥା'ନ୍ତି ଓ ଯେଉଁମାନେ ବ୍ୟଙ୍ଗବିଦ୍ରୁପର ଶିକାର ହୋଇଥା'ନ୍ତି ଓ ଦେଶବାସୀଙ୍କ ଦ୍ୱାରା ଉପହସିତ ହୋଇଥା'ନ୍ତି ଓ ତତ୍ସହିତ ଯେଉଁମାନଙ୍କୁ ଜଗତ ଘୃଣାର ସହିତ ବ୍ୟବହାର କରେ, ସେଇମାନେ ହିଁ ଶେଷରେ ବିଜୟୀ ହୋଇ ବାହାରିବେ ଓ ସେଇମାନଙ୍କୁ ସ୍ୱାଗତ କରିବା ପାଇଁ ଆଶିଷର ଦ୍ୱାର ଉନ୍ମୁକ୍ତ କରାହେବ ।

ଏଣୁ ଅଲ୍ଲାଃ ମୋତେ ସମ୍ବୋଧନ କରି ଉପଦେଶ ଦେଇଛନ୍ତି, ମୁଁ ମୋର ଅନୁଗତମାନଙ୍କୁ ଏହା ପରିଷ୍କାର ଭାବରେ ବୁଝାଇ ଦେବି ଯେ ଯେଉଁମାନେ ବିଶ୍ୱାସ କରୁଛନ୍ତି ଏବଂ ଯେଉଁମାନଙ୍କର ଧର୍ମ ବିଶ୍ୱାସରେ କୌଣସି ପାର୍ଥିବ ମତଲବର ଚିହ୍ନବର୍ଣ୍ଣ ନାହିଁ କିମ୍ବା ତାହା ଭୀରୁତା ଓ ବିଶ୍ୱାସଘାତକତାର ଦୋଷରେ ଦୂଷିତ ନୁହେଁ, ସେମାନଙ୍କ ଧର୍ମବିଶ୍ୱାସ ଏପରି ଯେ ତାହା ଯେ କୌଣସି ସ୍ତରରୁ ଆଜ୍ଞାନୁବର୍ତ୍ତିତାକୁ ପାଳନ କରିବାରେ ବ୍ୟର୍ଥ ହୁଏ ନାହିଁ । ସେଇମାନେ ହେଉଛନ୍ତି ଅଲ୍ଲାଃଙ୍କ ଦ୍ୱାର ଆଦୃତ ବ୍ୟକ୍ତି । ଅଲ୍ଲାଃ ସେମାନଙ୍କ ବିଷୟରେ ଘୋଷଣା କରିଛନ୍ତି ଯେ ସେହିମାନେ ହିଁ ସତ୍ପଥରେ ପରିଚାଳିତ ହୁଅନ୍ତି ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ. ୨୦, ପୃ. ୩୦୯; ଅଲ ଓସିୟତ ପୃ- ୧୧)

ଶୁଣ ! ତେଣୁ ତୁମେ ଯେଉଁମାନେ ନିଜକୁ ମୋ ସମ୍ପ୍ରଦାୟର ବୋଲି ଭାବୁଛ, ତୁମେ ପ୍ରକୃତରେ ସତ୍ପଥରେ ପାଦ ରଖିଲେ ହିଁ ମୋ ସମ୍ପ୍ରଦାୟର ବୋଲି ସ୍ୱର୍ଗରେ ଗଣାହେବ । ତେଣୁ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କୁ ତୁମେମାନେ ସତେ ଯେପରି ସ୍ୱଚକ୍ଷୁରେ ଦେଖୁଛ, ତାଙ୍କ ଉପସ୍ଥିତିରେ ଏଇ ଭିତ୍ତି ଓ ଚେତନା ଥାଇ ତୁମେମାନେ ଦିନକୁ ପାଞ୍ଚ ଥର କରି ପ୍ରାର୍ଥନା କର । ପୁନଶ୍ଚ ଅଲ୍ଲାଃଙ୍କ ପାଇଁ ନିଷ୍ପାପର ଭାବରେ ଉପବାସ ଦିବସଗୁଡ଼ିକୁ ସେ ସବୁର ସକଳ ଆବଶ୍ୟକତାକୁ ପୂରଣ କରି ପାଳନ କର । ତୁମମାନଙ୍କ ଭିତରୁ ପ୍ରତ୍ୟେକେ ଯିଏ ଜକାତ୍ ଦେବା କଥା, ସିଏ ଜକାତ୍ ଦେଉ । ସେହିପରି ତୀର୍ଥଯାତ୍ରା କରୁ, ସତ୍କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରୁ ଏବଂ ଅସତ୍ କାର୍ଯ୍ୟକୁ ବିରକ୍ତି ସହକାରେ ପ୍ରତ୍ୟାଖ୍ୟାନ କରୁ । ମନେରଖ ଯେ

ତୁମମାନଙ୍କର ଧର୍ମନିଷ୍ଠା ଭାବନା ନଥିଲେ, ତୁମମାନଙ୍କର କୌଣସି କାର୍ଯ୍ୟକୁ ଅଲ୍ଲାଃ କେବେହେଲେ ଗ୍ରହଣ କରିବେ ନାହିଁ । ସେହି କାର୍ଯ୍ୟ ହିଁ ଉତ୍ତମ, ଯାହାର ମୂଳରେ ଅଲ୍ଲାଃଙ୍କ ପ୍ରତି ଭୟ ଅଛି । ଯେଉଁ କାର୍ଯ୍ୟରେ ଏହି ଧର୍ମନିଷ୍ଠତା ରୂପକ ମୂଳ ଅକ୍ଷତ ଥାଏ, ତାହାକୁ ନଷ୍ଟ ହେବାକୁ ଦିଆଯାଏ ନାହିଁ । ଏହା ଅପରିହାର୍ଯ୍ୟ ଯେ ପୂର୍ବବର୍ତ୍ତୀ ବିଶ୍ୱାସକାରୀଙ୍କ ଭଳି ତୁମମାନଙ୍କୁ ପରୀକ୍ଷା କରାଯିବା ପୂର୍ବରୁ ବିଭିନ୍ନ ଦୁଃଖ ଯନ୍ତ୍ରଣା ଦ୍ୱାରା ମଧ୍ୟ ତୁମେମାନେ ପରୀକ୍ଷିତ ହେବ । ତେଣୁ ସବୁବେଳେ ସତର୍କ ରୁହ, ନଚେତ୍ ତୁମେମାନେ ଆଣ୍ଠେଇ ପଡ଼ିବ । ଯେ ପର୍ଯ୍ୟନ୍ତ ସ୍ୱର୍ଗ ସହିତ ତୁମମାନଙ୍କର ଦୃଢ଼ ସମ୍ପର୍କ ରହିଛି, ସେ ପର୍ଯ୍ୟନ୍ତ ମର୍ତ୍ତ୍ୟ ତୁମମାନଙ୍କର କିଛି କ୍ଷତି କରିପାରିବ ନାହିଁ । ଯଦି କେବେ ତୁମେମାନେ ଦୁଃଖରେ ପଡ଼, ତେବେ ଶତ୍ରୁର ହାତ ଅପେକ୍ଷା ତୁମେମାନେ ନିଜ ନିଜ ହାତରେ ଦୁଃଖରେ ପଡ଼ିବ । ଯଦି ଏହି ମର୍ତ୍ତ୍ୟରେ ତୁମେମାନେ ତୁମମାନଙ୍କ ସବୁ ସମ୍ମାନକୁ ହରାଅ, ତେବେ ସ୍ୱର୍ଗରେ ଅଲ୍ଲାଃ ତୁମମାନଙ୍କ ଉପରେ ଶାଶ୍ୱତ ସମ୍ମାନ ଅର୍ପଣ କରିବେ । ତେଣୁ ତାଙ୍କୁ ଛାଡ଼ ନାହିଁ କି ଭାଙ୍ଗି ପଡ଼ନାହିଁ, କାରଣ ସେମାନଙ୍କ ହାତରେ କଷ୍ଟ ଭୋଗ କରିବାକୁ ତୁମେମାନେ ବାଧ୍ୟ ଏବଂ ତୁମମାନଙ୍କର ଅନେକ ଆଶା ପୂରଣରୁ ତୁମେମାନେ ବଞ୍ଚିତ ହେବ । ଏହା ସତ୍ତ୍ୱେ ତୁମମାନଙ୍କର ହୃଦୟ ଭାରାକ୍ରାନ୍ତ ନହେଉ, ଅଲ୍ଲାଃଙ୍କ ପଥରେ ତୁମେମାନେ ଅଟଳ କି ନୁହଁ, ତାହା ସେ ପରୀକ୍ଷା କରନ୍ତି । ଯଦି ତୁମେମାନେ ଚାହଁ ଯେ ଏପରିକି ଦେବଦୂତମାନେ ମଧ୍ୟ ସ୍ୱର୍ଗରେ ତୁମମାନଙ୍କୁ ପ୍ରଶଂସା କରନ୍ତୁ, ତେବେ ସହାସ୍ୟ ବଦନରେ ଅଲ୍ଲାଃଙ୍କ ପଥରେ ଯନ୍ତ୍ରଣା ଭୋଗ କର ଓ ପ୍ରଫୁଲ୍ଲ ରୁହ । ଗାଳି ମନ୍ଦ ଶୁଣ ଓ କୃତଜ୍ଞ ରୁହ । ବ୍ୟର୍ଥତା ସତ୍ତ୍ୱେ ଅଲ୍ଲାଃଙ୍କ ସମ୍ପର୍କ ଛିନ୍ନ କରନାହିଁ । ତୁମେମାନେ ହେଉଛ ଅଲ୍ଲାଃଙ୍କ ଦ୍ୱାରା ସୃଷ୍ଟ ଅନ୍ତିମ ସମ୍ପ୍ରଦାୟ । ତେଣୁ ଏପରି ଭକ୍ତିପୂତ କାର୍ଯ୍ୟକର, ଯାହା ଶ୍ରେଷ୍ଠତାର ଚରମ ସୀମାକୁ ସ୍ପର୍ଶ କରିବ ।

**(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧୯, ପୃ. ୧୫ ; କସ୍ତି ନୂହ, ପୃ. ୧୭)**

ଜିଦ୍‌ଖୋର ଭାବରେ ଅନ୍ୟାୟ ସହିତ ଜଡ଼ିତ ହୋଇ ସତ୍ୟକୁ ହତ୍ୟା କର ନାହିଁ । ଶିଶୁଟିଏ ପାଖରୁ ସତ୍ୟକୁ ପାଇଲେ ମଧ୍ୟ ତାହାକୁ ଗ୍ରହଣ କର । ସେହିପରି ତୁମର ଶତ୍ରୁକୁ ଉଚିତ ମାର୍ଗରେ ଥିବାର ଦେଖିଲେ, ତୁମେମାନେ ସଙ୍ଗେ ସଙ୍ଗେ ନିଜର ଶୁଷ୍କ ଯୁକ୍ତିକୁ ପରିହାର କର । ଦୃଢ଼ତା ସହକାରେ ସତ୍ୟରେ ଅଟଳ ରୁହ ଓ ସତ୍ ସାକ୍ଷ୍ୟ ଦିଅ । ଗୌରବମୟ ଅଲ୍ଲାଃ ତୁମକୁ କିପରି ଉପଦେଶ ଦିଅନ୍ତି ତାହା ସ୍ମରଣ କର ।

ପିତୁଳା ପୂଜା ଭଳି ଦୂଷିତ କାର୍ଯ୍ୟକୁ ତ୍ୟାଗ କର ଓ ମିଥ୍ୟା କଥନ ଠାରୁ ଦୂରେଇ ରୁହ, ଯାହାକି ପୌତ୍ତଳିକତାଠାରୁ କିଛି କମ୍ ପାପ ନୁହେଁ । ଯାହା ତୁମକୁ ତୁମର ପ୍ରକୃତ ଲକ୍ଷ୍ୟ ସ୍ଥଳରୁ ଦୂରକୁ ଫେରାଇ ନିଏ, ତା'ହେଉଛି ତୁମ ପଥରେ ଏକ ପିତୁଳା । ସତ୍ୟ ସାକ୍ଷ୍ୟ ଦିଅ ଯଦିଚ ତାହା ତୁମର ବାପା, ଭାଇ ବା ବନ୍ଧୁଙ୍କର ବିରୁଦ୍ଧାଚରଣ କରୁଥାଏ । କାହାରି ବିରୁଦ୍ଧ ଶତ୍ରୁତା ତୁମକୁ ନ୍ୟାୟ ଦେବାରେ ବିରତ ନକରୁ ।

ପରସ୍ପର ସହିତ କୃପଣ ଭାବରେ ବ୍ୟବହାର କର ନାହିଁ । ପରସ୍ପର ମଧ୍ୟରେ ତିକ୍ତତା ପ୍ରଦର୍ଶନ କରନାହିଁ । ଈର୍ଷା ପରାୟଣ ହୁଅ ନାହିଁ କି ହୃଦୟହୀନ ହୁଅ ନାହିଁ । ପବିତ୍ର କୁରଆନର ଶିକ୍ଷାକୁ ଦୁଇ ମୁଖ୍ୟ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଉଛି ଏକେଶ୍ୱରବାଦ ଓ ତାଙ୍କ ପ୍ରତି ପ୍ରେମ ତଥା ଆଜ୍ଞାନୁବର୍ତ୍ତିତା । ତାଙ୍କର ନାମ ସମୁନ୍ନତ ହେଉ । ଦ୍ୱିତୀୟଟି ହେଉଛି ନିଜର ଭାଇ ଓ ଅନ୍ୟାନ୍ୟ ଲୋକଙ୍କ ପ୍ରତି ସହାନୁଭୂତିଶୀଳ ହେବା ।

ସତ୍ୟକୁ ମାନି ଚଳ ଓ ତାହାକୁ ଦୃଢ଼ ଭାବରେ ଧାରଣ କର । ତୁମ ହୃଦୟରେ କ'ଣ ଅଛି ସେ ତାହା ଦେଖୁଛନ୍ତି । କ'ଣ ମନୁଷ୍ୟ ମଧ୍ୟ ତାଙ୍କୁ ଠକି ପାରିବ ? କ'ଣ ତାଙ୍କ ବିରୁଦ୍ଧରେ କୌଣସି ଫନ୍ଦି ଫିକର ଚଳିପାରିବ ?

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୩, ପୃ. ୫୪୯, ଅଜାଲା ଏ ଅଉହାମ, ଭାଗ ୨, ପୃ. ୮୩୦, ପ୍ରଥମ ସଂସ୍କରଣ)**

ଯଦି ତୁମେ ଚାହଁ ଯେ ଅଲ୍ଲାଃ ସ୍ୱର୍ଗରେ ତୁମ ପ୍ରତି ପ୍ରୀତ ହେବେ, ତାହାହେଲେ ତୁମେ ଏପରି ଏକ ହୋଇଯାଅ ଯେପରି ଗୋଟିଏ ମାତୃଗର୍ଭରୁ ଜାତ ଦୁଇ ଭାଇ । ତୁମମାନଙ୍କ ମଧ୍ୟରେ ଅଧିକ ମହତ ହେଉଛି ସେହି ବ୍ୟକ୍ତି, ଯିଏ ଅନ୍ୟମାନଙ୍କ ତୁଳନାରେ ତା'ଭାଇର ଦୋଷତ୍ରୁଟିକୁ ଅଧିକ ମାର୍ଜନା କରେ ଏବଂ ଅଧିକ ହତଭାଗା ହେଉଛି ସେହି ବ୍ୟକ୍ତି ଯିଏ ଜିଦ୍‌ଖୋର ଓ କାହାରିକୁ କ୍ଷମା ଦିଏ ନାହିଁ । ମୋ ଠାରୁ ତା'ର କୌଣସି ଭାଗ ନାହିଁ । ଭୟ କରୁଥାଅ, ନଚେତ୍ ଅଲ୍ଲାଃ ତୁମକୁ ଅଭିଶାପ ଦେବେ । ସେ ପବିତ୍ର ଏବଂ ତାଙ୍କ ପ୍ରିୟ ଲୋକଙ୍କର ସମ୍ମାନ ଉପରେ ସେ ଜଣେ ସତର୍କ ଅଭିଭାବକ । ଦୁଷ୍ଟଲୋକ ତାଙ୍କ ସାମୀପ୍ୟ ଲାଭ କରିପାରେ ନାହିଁ । ଉଦ୍ଧତ, ଅତ୍ୟାଚାରୀ କିମ୍ବା ବିଶ୍ୱାସଭଙ୍ଗକାରୀ ତାଙ୍କର ସାମୀପ୍ୟ ଲାଭ କରିପାରେ ନାହିଁ । ଅଲ୍ଲାଃଙ୍କ ନାମର ସମ୍ମାନାର୍ଥେ ଯିଏ ନିଜର ସର୍ବସ୍ୱ ଅଜାଡ଼ି ଦେବାକୁ ପ୍ରସ୍ତୁତ ନୁହେଁ ଏବଂ ସେହିପରି ଯେଉଁମାନେ କୁକୁର, ପିମ୍ପୁଡ଼ି ଓ ଶାଗୁଣାଙ୍କ ଭଳି ପାର୍ଥିବ ସୁଖରେ ଲିପ୍ତ ରହନ୍ତି ଏବଂ ଯେଉଁମାନେ ସାଂସାରିକ ବିଳାସରେ ଆରାମ କରନ୍ତି, ସେମାନେ

ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିପାରନ୍ତି ନାହିଁ । ଯେଉଁମାନେ ତାଙ୍କ ପାଇଁ ଯନ୍ତ୍ରଣା ଭିତରେ ରହିଛନ୍ତି, ସେମାନେ ନରକର ଦାବାନଳରୁ ମୁକ୍ତ ହେବେ । ଯିଏ ତାଙ୍କ ପାଇଁ କାନ୍ଦେ, ସେ ଶେଷରେ ହସିବ ଓ ଯିଏ ତାଙ୍କ ପାଇଁ ସାଂସାରିକ ବନ୍ଧନକୁ ଛିନ୍ନ କରି ପକାଏ, ସେ ତାଙ୍କୁ ସାକ୍ଷାତ୍ କରିବ । କ୍ରମବର୍ଦ୍ଧିଷ୍ଣୁ ଉତ୍ସାହ ଓ ଉନ୍ମାଦନା ସହିତ ତାଙ୍କର ସାମିପ୍ୟ ହାସଲ କରି ନିଷ୍ଠାପର ଭାବରେ ସର୍ବାନ୍ତକରଣରେ ତୁମେମାନେ ଅଲ୍ଲାଃଙ୍କର ବନ୍ଧୁ ହୁଅ । ତାହାହେଲେ ସେ ମଧ୍ୟ ତୁମମାନଙ୍କର ବନ୍ଧୁ ହୋଇଯିବେ । ଯେଉଁମାନେ ତୁମମାନଙ୍କ ଅଧୀନସ୍ଥ ସେମାନଙ୍କ ପ୍ରତି, ତୁମମାନଙ୍କର ପତ୍ନୀମାନଙ୍କ ପ୍ରତି ଓ ତୁମମାନଙ୍କର ଦରିଦ୍ର ଭାଇମାନଙ୍କ ପ୍ରତି ସଦୟ ହୁଅ । ତାହାହେଲେ ସ୍ୱର୍ଗରେ ତୁମମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରାଯିବ । ବାସ୍ତବରେ ତାଙ୍କରି ହୁଅ ତାହାହେଲେ ସେ ତୁମର ହେବେ ।

(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧୯, ପୃ. ୧୨-୧୩, କଷ୍ତିନୂହ, ପୃ. ୧୪-୧୫)

# ଉପଦେଶାବଳୀ

ମୁଁ ମୋର ସମ୍ପ୍ରଦାୟକୁ ଅହଙ୍କାର ପରିତ୍ୟାଗ କରିବାକୁ ଉପଦେଶ ଦେଉଛି । କାରଣ ଅହଙ୍କାର ଆମର ଗୌରବମୟ ଅଲ୍ଲାଃଙ୍କ ଦୃଷ୍ଟିରେ ଅତ୍ୟନ୍ତ ଘୃଣ୍ୟ । ଅହଙ୍କାର କ'ଣ ତୁମେ ବୋଧହୁଏ ସମ୍ପୂର୍ଣ୍ଣ ରୂପେ ବୁଝି ନଥିବ । ତେଣୁ ମୋଠାରୁ ଏହାକୁ ବୁଝି ନିଅ । କାରଣ ମୁଁ ଅଲ୍ଲାଃଙ୍କ ଶକ୍ତି ବଳରେ ଏହା କହୁଛି । ସେ ହେଉଛି ଅହଙ୍କାରୀ ଯିଏ ନିଜ ଭାଇକୁ ଏଥିଯୋଗୁ ଅବଜ୍ଞା କରେ ଯେ ସେ ତା' ଭାଇଠାରୁ ଅଧିକ ଜ୍ଞାନୀ, ଅଧିକ ବୁଦ୍ଧିମାନ୍ ଅଥବା ଅଧିକ ଦକ୍ଷ । ସେ ଅହଙ୍କାରୀ, କାରଣ ସେ ଅଲ୍ଲାଃଙ୍କୁ ସମସ୍ତ ଜ୍ଞାନ ଓ ବୁଦ୍ଧିରେ ଉତ୍ସ ବୋଲି ନଭାବି ନିଜକୁ କିଛି ନା କିଛି ଭାବେ । ତାକୁ ବାଚାଳ କରାଇବା ଓ ସେ ତା'ର ଯେଉଁ ଭାଇମାନଙ୍କୁ ନିକୃଷ୍ଟ ଭାବୁଛି, ସେମାନଙ୍କୁ ଉତ୍କୃଷ୍ଟ ଜ୍ଞାନ, ବୁଦ୍ଧି ଓ ଦକ୍ଷତା ପ୍ରଦାନ କରିବାର କ୍ଷମତା କ'ଣ ଅଲ୍ଲାଃଙ୍କର ନାହିଁ ? ଏହିପରି ଭାବରେ ସେ ମଧ୍ୟ ଅହଙ୍କାରୀ, ଯିଏ ନିଜ ଧନସମ୍ପତ୍ତି ଓ ଉଚ୍ଚ ପଦମର୍ଯ୍ୟାଦା ଦୃଷ୍ଟିରୁ ନିଜ ଭାଇକୁ ହେୟ ଜ୍ଞାନ କରେ । ସେ ହିଁ ଅହଙ୍କାରୀ, କାରଣ ଏହି ପଦମର୍ଯ୍ୟାଦା ଓ ମହତ୍ତ୍ୱ ଯେ ତାକୁ ଅଲ୍ଲାଃ ଦେଇଛନ୍ତି ସେ ଏକଥା ଭୁଲିଯାଇଛି । ସେ ଅନ୍ଧ, ତେଣୁ ସେ ବୁଝିପାରୁ ନାହିଁ ଯେ ସର୍ବଶକ୍ତିମାନ୍ ଅଲ୍ଲାଃ ତା'ପ୍ରତି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଦେଇ ପାରନ୍ତି, ଯଦ୍ଦ୍ୱାରା ସେ ହଠାତ୍ ଏକ ଅତଳ ଗହ୍ୱର ମଧ୍ୟକୁ ନିକ୍ଷିପ୍ତ ହେବ ଏବଂ ସେ ତା'ର ଯେଉଁ ଭାଇକୁ ହେୟ ଜ୍ଞାନ କରୁଥିଲା ତାକୁ ଅଧିକ ସମ୍ପଦ ଓ ସମୃଦ୍ଧି

ଦେବାର କ୍ଷମତା ଅଲ୍ଲାହଙ୍କର ଅଛି । ପୁନଶ୍ଚ ଯେଉଁ ବ୍ୟକ୍ତି ତା'ର ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ବା ତା'ର ସୌନ୍ଦର୍ଯ୍ୟ ବା ତାର ସୁନ୍ଦର ଚେହେରା ଅଥବା ତାର ବଳ ବା ସାମର୍ଥ୍ୟ ପାଇଁ ଗର୍ବ ଅନୁଭବ କରେ ଓ ତା' ଭାଇକୁ ଘୃଣାରେ ଖତେଇ ହୁଏ, ତାକୁ ଚିଡ଼ାଏ ଓ ପରିହାସ ବ୍ୟଞ୍ଜକ ନାମରେ ଡାକେ ଓ ଏଥିରେ ସନ୍ତୁଷ୍ଟ ନହୋଇ ତା' ଭାଇର ଶାରୀରିକ ତ୍ରୁଟିକୁ ପ୍ରଚାର ଓ ପ୍ରସାର କରେ, ସେ ମଧ୍ୟ ଅହଙ୍କାରୀ । ଏପରି ହେବାର କାରଣ, ତା'ଭାଇ ଅପେକ୍ଷା ତାକୁ ଅଧିକ ଦୁରାବସ୍ଥାରେ ପକାଇ ରଖିବା ଭଳି ଶାରୀରିକ ତ୍ରୁଟି ତା'ଉପରେ ହଠାତ୍ ଲଦିଦେବାର କ୍ଷମତା ଯେଉଁ ଅଲ୍ଲାହଙ୍କର ଅଛି, ତାଙ୍କ ସ୍ଥିତି ବା ସତ୍ତା ସମ୍ବନ୍ଧରେ ସେ ଆଦୌ ଅବହିତ ନୁହେଁ ।

**(ରୁହାନି ଖଜାଏନ, ଗ୍ରନ୍ଥ ଖଣ୍ଡ ୧୮, ପୃ. ୪୦୨, ନୁଜୁଲ ମସିହ : ପୃ. ୨୬)**

# ଅସତ୍ ଚିନ୍ତନ

ଅସତ୍ ଚିନ୍ତନ ଏପରି ଏକ ସାଂଘାତିକ ବ୍ୟାଧି, ଯାହା ତା'ର ଧର୍ମବିଶ୍ୱାସକୁ ଜଳନ୍ତା ନିଆଁ ଶୁଖିଲା କାଠି କୁଟାକୁ ଜାଳି ପୋଡ଼ିଦେଲା ଭଳି ନଷ୍ଟ କରିଦିଏ । ଯେବେ ସେପରି କୌଣସି ଲୋକ ଈଶ୍ୱର ପ୍ରେରିତ ଅବତାରମାନଙ୍କ ପ୍ରତି ମନ୍ଦ ଆଚରଣ ପ୍ରଦର୍ଶନ କରେ, ତେବେ ଅଲ୍ଲାହ ନିଜେ ତା'ର ଶତ୍ରୁ ପାଲଟିଯାନ୍ତି ଓ ତାଙ୍କ ଅବତାରମାନଙ୍କୁ ରକ୍ଷା କରିବା ସକାଶେ ଆଗଭର ହୁଅନ୍ତି । ନିଜର ପ୍ରିୟ ଜନମାନଙ୍କ ସମ୍ମାନ ରକ୍ଷା କରିବା ସକାଶେ ତାଙ୍କର ସଂକଳ୍ପ ଅତୁଳନୀୟ । ଯେତେବେଳେ ବିଭିନ୍ନ ଉପାୟରେ ମୋ ପ୍ରତି ଆକ୍ରମଣ କରାଗଲା ଓ ମୋ ବିରୁଦ୍ଧରେ କୁତ୍ସାରଟନା କରାଗଲା, ସେତେବେଳେ ଅଲ୍ଲାହଙ୍କ ସ୍ୱାଭିମାନ ହିଁ ମୋତେ ରକ୍ଷା କରିଥିଲା ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୨୦, ପୃ. ୩୧୭; ଅଲ ଓ୍ୱସିୟତ, ପୃ. ୧୯)**

ମୁଁ ସତ କହୁଛି, ଅସତ୍ ଚିନ୍ତନ ଏକ ସାଂଘାତିକ ବ୍ୟାଧି, ଯାହା ମଣିଷର ଧର୍ମ ବିଶ୍ୱାସକୁ ଧ୍ୱଂସ କରିଥାଏ । ତାକୁ ସତ୍‌ମାର୍ଗରୁ ଦୂରକୁ ନିକ୍ଷିପ୍ତ କରେ ତଥା ବନ୍ଧୁମାନଙ୍କୁ ଶତ୍ରୁ କରାଏ । ଜଣେ ସର୍ବଶ୍ରେଷ୍ଠ ଗୁଣାବଳୀ ଲାଭ କରିବାକୁ ହେଲେ ମଣିଷ ପକ୍ଷରେ ଅନ୍ୟର ଅସତ୍ ଚିନ୍ତନ ଅଭ୍ୟାସକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିବାକୁ ହେବ । (ପବିତ୍ର କୁରଆନରେ ବ୍ୟବହୃତ "ସିଦ୍ଦିକ୍' ଶବ୍ଦର ଅର୍ଥ ଏପରି ବ୍ୟକ୍ତି ଯାହାଙ୍କର ଆଧ୍ୟାତ୍ମିକ ପଦମର୍ଯ୍ୟାଦା ଅବତାରଙ୍କ ପଦମର୍ଯ୍ୟାଦାର ଠିକ୍ ତଳେ) । ଯଦି କୌଣସି ଲୋକ ଅଜାଣତରେ କାହାରି ପ୍ରତି ଖରାପ ଧାରଣା କରିଥାଏ ବା ତା'ର ଦୋଷ ଅନ୍ୱେଷଣ କରିଥାଏ, ତେବେ ତାକୁ ଖୁବ୍ ଶୀଘ୍ର

ଅନୁତାପ କରିବାକୁ ହେବ ଏବଂ ଏ ପ୍ରକାର ଭୂଲର ଯେପରି ପୁନରାବୃତ୍ତି ନହୁଏ, ସେଥିରୁ ତଥା ତତ୍‌ଜନିତ ପରିଣାମରୁ ରକ୍ଷା ପାଇବା ସକାଶେ ତାକୁ ଅଲ୍ଲାଃଙ୍କ ନିକଟରେ ଗୁହାରି କରିବାକୁ ହେବ । ତେଣୁ ଏଭଳି ଆଧ୍ୟାତ୍ମିକ ବ୍ୟାଧିକୁ ଲଘୁ ମନେ କରିବା ଉଚିତ ନୁହେଁ । ଏହା ଏପରି ଏକ ବିପଜ୍ଜନକ ବ୍ୟାଧି ଯାହା ମଣିଷକୁ ଅତି ଶୀଘ୍ର ଧ୍ୱଂସମୁଖକୁ ଠେଲି ଦିଏ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ, ପୃ. ୩୭୨)**

ତୁମମାନଙ୍କ ପକ୍ଷରେ ଅନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ଓ ନିଜ ଅନ୍ତରାତ୍ମାକୁ ନିର୍ମଳ କରିବା ଉଚିତ । ତାହାହେଲେ ତୁମେମାନେ ଜିବ୍ରାଇଲ୍ ବା ପବିତ୍ର ଆତ୍ମାଙ୍କ ଗୁଣାବଳୀରୁ ଭାଗ ପାଇପାରିବ । ମନେରଖ ! ଜିବ୍ରାଇଲ୍‌ଙ୍କୁ ଛାଡ଼ି ତୁମେମାନେ ବାସ୍ତବ ଧର୍ମନିଷ୍ଠତାକୁ ହାସଲ କରିପାରିବ ନାହିଁ । ତୁମଠାରେ ଯେଉଁ ନୀଚ ପାଶବିକ କାମନା ଅଛି, ତାହାକୁ ପୁରାପୁରି ଛାଡ଼ିଦିଅ । ଅଲ୍ଲାଃଙ୍କ ମାର୍ଗ ସଂକୀର୍ଣ୍ଣତମ ଓ ଅତ୍ୟନ୍ତ କଠିନ ହୋଇଥାଉ ପଛେ, ତାଙ୍କ ସନ୍ତୋଷ ପାଇଁ ସେହି ମାର୍ଗର ଅନୁସରଣ କର । ପାର୍ଥିବ ଆମୋଦ ପ୍ରମୋଦରେ ଅନୁରକ୍ତ ହୁଅ ନାହିଁ । କାରଣ ସେଗୁଡ଼ିକ ଅଲ୍ଲାଃଙ୍କ ଠାରୁ ତୁମମାନଙ୍କୁ ଦୂରେଇ ନେଇଥାଏ । ମଣିଷର ଯେଉଁ ଦୁଃଖ ଯନ୍ତ୍ରଣା ଅଲ୍ଲାଃଙ୍କୁ ସନ୍ତୁଷ୍ଟ କରାଏ, ତାହା ତାଙ୍କୁ ଅସନ୍ତୁଷ୍ଟ କରାଉଥିବା ଆମୋଦ ପ୍ରମୋଦ ଠାରୁ ଅଧିକ ଭଲ । ଯେଉଁ ପରାଜୟ ଅଲ୍ଲାଃଙ୍କୁ ସନ୍ତୁଷ୍ଟ କରାଏ, ତାହା ସେହି ବିଜୟ ଠାରୁ ଭଲ ଯାହା ତାଙ୍କ ପ୍ରସନ୍ନତା ଅର୍ଜନ କରେ । ତୁମେମାନେ ସେହି ପ୍ରେମକୁ ପରିହାର କର, ଯହିଁରେ ତୁମେମାନେ ଅଲ୍ଲାଃଙ୍କର ବିରାଗଭାଜନ ହେବାର ସମ୍ଭାବନା ଥାଏ । ଯଦି ତୁମେମାନେ ନିର୍ମଳ ହୃଦୟ ସହିତ ତାଙ୍କ ପାଖକୁ ଆସିବ, ତେବେ ସେ ତୁମମାନଙ୍କୁ ସକଳ ମାର୍ଗରେ ସାହାଯ୍ୟ କରିବେ ଓ କୌଣସି ଶତ୍ରୁ ତୁମମାନଙ୍କର କିଛି ଅନିଷ୍ଟ କରିପାରିବ ନାହିଁ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ, ୨୦, ପୃ. ୩୦୭; ଅଲ ଓ୍ୱସିୟତ, ପୃ. ୯)**

'ଧର୍ମନିଷ୍ଠତାର ପରିଧାନ' ଅଭିବ୍ୟକ୍ତିଟି ପବିତ୍ର କୁରଆନରେ ରହିଅଛି । ଏହି ଅଭିବ୍ୟକ୍ତିରୁ ଜଣାଯାଏ ଯେ କେବଳ ଧର୍ମନିଷ୍ଠତା ମାଧ୍ୟମରେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ସାଜସଜ୍ଜାକୁ ହାସଲ କରାଯାଇ ପାରିବ । ଧର୍ମନିଷ୍ଠତା ଅର୍ଥ ଜଣେ ବ୍ୟକ୍ତି ତା' ନିଜର ସର୍ବୋତ୍ତମ ସାମର୍ଥ୍ୟ ମତେ ଆପଣା ପ୍ରତିଭା ଓ ସେ ଅଲ୍ଲାଃଙ୍କ ସହିତ କରିଥିବା ଅଙ୍ଗୀକାର ସମ୍ବନ୍ଧରେ ନିଜ ଦାୟିତ୍ୱକୁ ଏକ ପବିତ୍ର ଅମାନତ ଭାବେ ସମ୍ପନ୍ନ କରିବା ଉଚିତ । ନିଜ ଲୋକଙ୍କ ପ୍ରତି ତଥା ଅଲ୍ଲାଃ ତା'ପାଇଁ ନ୍ୟାସ ରୂପେ ଯାହାସବୁ ସୃଷ୍ଟି କରିଛନ୍ତି, ସେ ସବୁ

ପ୍ରତି ତା'ର ଯେତିକି ଦାୟିତ୍ୱ ରହିଛି, ସେଥିପ୍ରତି ତାକୁ ମଧ୍ୟ ସମ୍ପୂର୍ଣ୍ଣ ଦୃଷ୍ଟି ଦେବାକୁ ହେବ । ମଣିଷ ତା'ର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ, ଧର୍ମନିଷ୍ଠତାର ସଂକୀର୍ଣ୍ଣ ପଥରେ ଛୋଟ ଛୋଟ ବିଷୟ ପ୍ରତି ସତର୍କତା ଅବଲମ୍ବନ କରି ଚାଲିବା ଉଚିତ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ. ୨୧, ପୃ. ୨୧୦, ବ୍ରାହିନ ଏ ଅହମଦିୟା, ପରିଶିଷ୍ଟ, ଭାଗ ୫, ପ୍ରଥମ ସଂସ୍କରଣ)

ପବିତ୍ର କୁରଆନରେ ଯେଉଁ ଅଲ୍ଲାଃଙ୍କ ବିଷୟ ଉପସ୍ଥାପନ କରାଯାଇଛି, ସେ ହେଉଛନ୍ତି ଜଣେ ଅତ୍ୟନ୍ତ ବିଶ୍ୱସନୀୟ ପ୍ରଭୁ । ଯିଏ ତାଙ୍କ ପ୍ରତି କୃତଜ୍ଞ, ସେ ତା' ପ୍ରତି ବିଚିତ୍ର କାର୍ଯ୍ୟମାନ କରିଥାନ୍ତି । ଜଗତ ସେମାନଙ୍କୁ ଗ୍ରାସ କରାଯିବାକୁ ବସିଛି ଓ ପ୍ରତ୍ୟେକ ବଇରି ସେମାନଙ୍କ ବିରୁଦ୍ଧରେ ଦାନ୍ତ ରଗଡୁଛନ୍ତି । କିନ୍ତୁ ଯେହେତୁ ସେ ସେମାନଙ୍କର ସଖା, ତେଣୁ ସେମାନଙ୍କ ପ୍ରତ୍ୟେକ ପ୍ରକାର ବିପଦରୁ ରକ୍ଷା କରନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସଫଳ କରାନ୍ତି । ସତରେ ସେହି ଲୋକ କେତେ ଭାଗ୍ୟବାନ୍ ଯିଏ ତାହାଙ୍କ ସହିତ ନିଜ ବନ୍ଧନକୁ କଦାପି ଛିନ୍ନ କରେ ନାହିଁ ।

(ରୁହାନି ଖଜାଏନ୍, ଗ୍ରନ୍ଥ ଖଣ୍ଡ ୧୯, ପୃ. ୨୦; କସ୍ତିନୁହ, ପୃ. ୨୨)

# ଦିବ୍ୟ ପ୍ରକଟନ

ଯେବେ ଅଲ୍ଲାଃ କୌଣସି ଅଦୃଷ୍ଟ ବିଷୟରେ ନିଜ ଭକ୍ତଙ୍କୁ କିଛି ଅବଗତ କରାଇବାକୁ ଚାହାନ୍ତି, ଭକ୍ତଙ୍କ ପ୍ରାର୍ଥନା ଶୁଣି ହେଉ କି ନିଜ ଇଚ୍ଛା ମୁତାବକ ହେଉ, ତେବେ ସେ ସେହି ଭକ୍ତଙ୍କୁ ଏକ ପ୍ରକାର ସଂଜ୍ଞାହୀନ ଅବସ୍ଥା ଦ୍ୱାରା ପ୍ରଭାବିତ କରାନ୍ତି ଓ ହଠାତ୍ ଭକ୍ତଙ୍କର ନିଜ ପାରିପାର୍ଶ୍ୱିକ ସ୍ଥିତି ସହିତ ସମ୍ପର୍କ ଛିନ୍ନ ହୋଇଯାଏ । ସେପରି ଅବସ୍ଥାରେ ସେ ପୁରାପୁରି ଭାବେ ନିଜ ସ୍ଥିତିକୁ ମଧ୍ୟ ଭୁଲିଯା'ନ୍ତି । ଯେପରି ଜଣେ ବୁଡ଼ାଳି ଜଳାଶୟର ନିମ୍ନ ଦେଶ ପର୍ଯ୍ୟନ୍ତ ଲମ୍ଫ ଦେଇଥାଏ, ସେହିପରି ସେ ବୁଡାଳିର ଅବସ୍ଥାରେ ତା' ମଧ୍ୟକୁ ଲମ୍ଫ ପ୍ରଦାନ କରନ୍ତି ଓ ଏପରି ନିମଜ୍ଜିତ ହୋଇଯାନ୍ତି ଯେ ସତେ ଯେପରି ତାଙ୍କର କୌଣସି ଅସ୍ତିତ୍ୱ ନାହିଁ କି ସେ ବାହାର ଦୁନିଆ ବିଷୟରେ ଅବଗତ ନାହାନ୍ତି ବା ତାଙ୍କର ସଂଜ୍ଞା ହରାଇ ବସିଥାନ୍ତି । ପରିଶେଷରେ ବୁଡ଼ାଳି ଭଳି ଯେବେ ସେ ଜଳର ଉପରି ଭାଗକୁ ଆସନ୍ତି, ତେବେ ନିଜ ଭିତରେ ଏକ ଅଲୌକିକ ଗୁଞ୍ଜରଣ ଅନୁଭବ କରନ୍ତି ଏବଂ ଯେତେବେଳେ ସେହି ଗୁଞ୍ଜରଣ ହ୍ରାସ ପାଇବାକୁ ଲାଗେ, ସେ ସଂଜ୍ଞାହୀନ ଅବସ୍ଥାରୁ ପ୍ରତ୍ୟାବର୍ତ୍ତନ କରନ୍ତି । ସେତେବେଳେ

ତାଙ୍କ ନିଜ ଭିତରେ ଏକ ଅତି ମଧୁର, ସୁବିବେଚିତ ଓ ଚମତ୍କାର ବାଣୀ ରହିଥିବାର ସେ ଜାଣିପାରନ୍ତି । ଏଭଳି ଅନୁଭୂତି ଏତେ ବିଚିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଯେ ତାହାକୁ ଭାଷାରେ ବର୍ଣ୍ଣନା କରିବା ସାଧାରଣ ମଣିଷର କ୍ଷମତାର ବାହାରେ । ଏହାହିଁ ସେହି ଅନୁଭୂତି, ଯାହା ମଣିଷକୁ ଅନ୍ତର୍ନିହିତ ତତ୍ତ୍ୱ ଜ୍ଞାନ ରୂପକ ଏକ ପ୍ରବାହମାନ ସ୍ରୋତର ସ୍ଥିତି ସମ୍ବନ୍ଧରେ ଅବଗତ କରାଏ । କାରଣ ଯେବେ ବି କୌଣସି ଭକ୍ତ ଏହି ରୂପେ ବାରମ୍ବାର ପ୍ରାର୍ଥନା କରିଥାଏ, ତେବେ ଅଲ୍ଲାଃ ସେହି ଅର୍ଦ୍ଧଚେତନ ଅବସ୍ଥାକୁ ତାଙ୍କ ଉପରେ ଆଚ୍ଛାଦିତ କରି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ସୁମଧୁର ସ୍ୱରରେ ଭକ୍ତର ପ୍ରତ୍ୟେକଟି ପ୍ରାର୍ଥନାର ଉତ୍ତର ଦେଉଥାନ୍ତି । ସେହି ଅର୍ଦ୍ଧ ସଂଜ୍ଞାହୀନ ଅବସ୍ଥାରେ ଯାହାକିଛି ପ୍ରଶ୍ନ ଉଦ୍ରେକ ହୁଏ, ଅଲ୍ଲାଃ ସେ ସବୁର ଉତ୍ତର ଦେଇଥାନ୍ତି । ମଣିଷ ଅନ୍ୟଥା ଯେଉଁ ବିଷୟରେ ବ୍ୟାପକ ଜ୍ଞାନ ଲାଭ କରିବା ଅସମ୍ଭବ, ସେ ବିଷୟକୁ ସେ ତା' ନିକଟରେ ପ୍ରକଟିତ କରିଥାନ୍ତି । ଫଳରେ ସେ ଏହି ପ୍ରକଟନ ଦ୍ୱାରା ଅଲ୍ଲାଃଙ୍କ ଠାରେ ଅଧିକତର ବିଶ୍ୱାସ ସ୍ଥାପନ କରିବାରେ ଓ ତାହାଙ୍କ ବିଚିତ୍ର ଲୀଳାକୁ ଭଲ ରୂପେ ବୁଝିବାରେ ସକ୍ଷମ ହୁଏ । ମଣିଷର ପ୍ରାର୍ଥନା ତଥା ଅଲ୍ଲାଃ ଯେ ପ୍ରକୃତ ଓ ଏକମାତ୍ର ଉପାସ୍ୟ, ସେ ବିଷୟର ପରିପ୍ରକାଶ ବଳରେ ସେ ପ୍ରତିଟି ପ୍ରାର୍ଥନାକୁ ଶୁଣି ଜବାବ ଦେବା ହେଉଛି ଏଭଳି ଏକ ଅନୁଭୂତି, ଯାହା ମଣିଷକୁ ଅଲ୍ଲାଃଙ୍କ ଦର୍ଶନ ଲାଭ କରିବାରେ ଏପରି ସମର୍ଥ କରାଏ, ସତେ ଯେପରି ସେ ଏହି ସଂସାରରେ ଅଲ୍ଲାଃଙ୍କ ଦର୍ଶନ ଲାଭ କରୁଅଛି । ପୁନଶ୍ଚ ଇହକାଳ ଓ ପରକାଳ ଉଭୟ ଏକ ସମୟରେ ତା' ପକ୍ଷରେ ଅଭିନ୍ନ ହୋଇଯାଇଛି ।

(ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ ୧, ପୃ. ୨୬୦-୨୬୨; ବ୍ରାହିନ-ଏ-ଅହମଦିୟା, ପରିଶିଷ୍ଟ, ପୃ. ୨୬୦-୨୬୨)

ଅନ୍ୟ କିସମର ପ୍ରକଟନରେ ମଣିଷର ହୃଦୟ ସହିତ କୌଣସି ସମ୍ପର୍କ ନାହିଁ, ବରଂ ସେ ବାହାରୁ ଏକ ସ୍ୱର ଶୁଣିବାକୁ ପାଏ । ସେହି ସ୍ୱର ତାକୁ ଏପରି ପ୍ରତୀତ ହୁଏ, ସତେ ଯେପରି କେହି ଜଣେ ପରଦା ଅନ୍ତରାଳରୁ କିଛି କହୁଛି । ଏହି ସ୍ୱର ସୁମଧୁର ଓ ଅତ୍ୟନ୍ତ ମନମୁଗ୍ଧକର । ଏହା ଏକ ପ୍ରକାର ଦ୍ରୁତଗତିରେ ପ୍ରବାହିତ ହୋଇ ମଣିଷର ଅନ୍ତରାତ୍ମାକୁ ପ୍ରଫୁଲ୍ଲିତ କରାଏ । ମଣିଷର ମନ ଗଭୀର ଚିନ୍ତାରେ ନିମଗ୍ନ ହୋଇଥିବା ବେଳେ ହଠାତ୍ ଏପରି ଏକ ସ୍ୱର ଶୁଣାଯାଏ ଓ ଏହି ସ୍ୱର ଶୁଣିଲା ପରେ ସେ ବିସ୍ମିତ ହୁଏ । ସେ ଜାଣିପାରେ ନାହିଁ ଯେ ସେ କେଉଁଠାରୁ ଏହି ସ୍ୱର ଶୁଣିବାକୁ ପାଇଲା ଓ କିଏ ତାକୁ ଏପରି କହିଲା । ତା'ପରେ ଜଣେ ବିସ୍ମୟ ଜର୍ଜରିତ ମଣିଷ ଭଳି ସେ ଇତସ୍ତତଃ ଦୃଷ୍ଟି ନିକ୍ଷେପ କରେ ଓ କ୍ରମେ

ହୃଦୟଙ୍ଗମ କରେ ଯେ ସେହି ସ୍ୱର ଜଣେ ଦେବଦୂତଙ୍କର । ଯେତେବେଳେ ମଣିଷ କୌଣସି ସମସ୍ୟାରେ ଅତ୍ୟଧିକ ବିବ୍ରତ ହୋଇଯାଇଥାଏ ଓ ଦୁଃଖରେ ଭାରାକ୍ରାନ୍ତ ହୋଇ ଯାଇଥାଏ, ସେତେବେଳେ ଅନେକ ସମୟରେ ଏହି ବହିସ୍ଥ ସ୍ୱର ଶୁଣାଯାଏ ଓ ତାହା ପ୍ରାୟତଃ ଏକ ସୁସମାଚାର ନିଜ ସଙ୍ଗରେ ବହନ କରି ଆଣିଥାଏ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ. ୧, ପୃ. ୨୦୬୭; ବ୍ରାହିନ ଏ ଅହମଦିୟା, ପରିଶିଷ୍ଟ)

ତାହାଙ୍କର ବିଧାନ ଏହିପରି ଯେ ଯେଉଁ ଲୋକ ପାଖରେ କିଛି ଆଲୋକ ଥାଏ, ତାହାକୁ ଆହୁରି ଆଲୋକ ପ୍ରଦାନ କରାଯାଏ ଓ ଯାହା ପାଖରେ କିଛି ନାହିଁ ତାକୁ କିଛି ଦିଆଯାଏ ନାହିଁ । ଯାହାର ଦେଖି ପାରିବା ଶକ୍ତି ଅଛି ସେ ହିଁ ସୂର୍ଯ୍ୟର ଆଲୋକକୁ ଦେଖିବାକୁ ପାଇବ ଓ ଯାହାର ଦୃଷ୍ଟିଶକ୍ତି ନାହିଁ ସେ ସୂର୍ଯ୍ୟର ଆଲୋକ ଦେଖିବାକୁ ଅସମର୍ଥ ହେବ । ବସ୍ତୁତଃ ଯାହାର ଅନ୍ତର ଅଳ୍ପ ପରିମାଣରେ ଆଲୋକିତ, ତାହାର ବାହାର ମଧ୍ୟ ଅଳ୍ପ ପରିମାଣରେ ଆଲୋକିତ । ଯାହାକୁ ଆଭ୍ୟନ୍ତରୀଣ ଆଲୋକ ଅଧିକ ଦିଆଯାଇଛି, ସେ ବହିସ୍ଥ ଆଲୋକରୁ ମଧ୍ୟ ଅଧିକ ଲାଭବାନ୍ ହେବ ।

(ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ ୧, ପୃ. ୧୯୫-୧୯୬; ବ୍ରାହିନ ଏ ଅହମଦିୟା, ପରିଶିଷ୍ଟ, ପୃ.୧୧)

ସର୍ବଶକ୍ତିମାନ୍ ଅଲ୍ଲାଃ ତାଙ୍କର ଏହି ବିଚିତ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ପ୍ରଥମ ହେଉଛି ସେହି ବିଶ୍ୱ ଯାହା ପ୍ରକାଶମାନ ଓ ଯାହାକୁ ଚକ୍ଷୁ, କର୍ଣ୍ଣ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ଯନ୍ତ୍ରପାତି ସାହାଯ୍ୟରେ, ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ, ଧାରଣା କରାଯାଇ ପାରିବ । ଦ୍ୱିତୀୟ ହେଉଛି ସେହି ବିଶ୍ୱ, ଯାହା ଲୁକ୍କାୟିତ ଓ ଯାହାକୁ ସିଦ୍ଧାନ୍ତମୂଳକ ଯୁକ୍ତି ଓ ଅନୁମାନ ଦ୍ୱାରା ବୁଝିପାରିବା ସମ୍ଭବ ହେବ । ତୃତୀୟ ହେଉଛି ସେହି ବିଶ୍ୱ, ଯାହା ଲୁକ୍କାୟିତ ବିଶ୍ୱ ଠାରୁ ମଧ୍ୟ ବହୁ ଦୂରରେ ଅବସ୍ଥିତ । ଏହି ବିଶ୍ୱ ସମ୍ବନ୍ଧରେ ଧାରଣା କରିବା କଷ୍ଟକର ଓ ଏହା ଆମ କଳ୍ପନାର ପ୍ରାୟ ବାହାରେ । ଅତି ଅଳ୍ପ ଲୋକ ଅଛନ୍ତି, ଯେଉଁମାନେ ଏହାର ଅସ୍ତିତ୍ୱ ସମ୍ବନ୍ଧରେ କିଛି ଜାଣନ୍ତି । ଏହା ଏପରି ଏକ ଅଦୃଷ୍ଟ ବିଶ୍ୱ, ଯାହାକୁ ସିଦ୍ଧାନ୍ତ ଦ୍ୱାରା ଧାରଣା କରାଯାଇ ପାରିବ ନାହିଁ ଅଥଚ କଳ୍ପନା କରାଯାଇ ପାରିବ । ଜଣେ କଶଫ୍ ବା ଓହି ବା ଇଲହାମ୍ ଅର୍ଥାତ୍ ଅଲୌକିକ ଦୃଶ୍ୟ ବା ଦିବ୍ୟ ପ୍ରକଟନ ବା ଅଲ୍ଲାଃଙ୍କ ବାଣୀ ସାହାଯ୍ୟରେ ଏ ବିଷୟରେ ଜ୍ଞାନ ହାସଲ କରିପାରିବ ଏବଂ ଅନ୍ୟ କୌଣସି ଉପାୟରେ କିଛି ଜାଣି ପାରିବ ନାହିଁ । ପ୍ରକୃତି ରାଜ୍ୟରେ ପ୍ରକାଶମାନ ହୋଇଥିବା ଅଲ୍ଲାଃଙ୍କର ଅପରିବର୍ତ୍ତନୀୟ ଅଭିଳାଷରୁ ପ୍ରତୀୟମାନ ହେଉଥିବା ପ୍ରକାରେ ଜଣେ

ଅବଶ୍ୟ ନିର୍ବିଘ୍ନରେ ଏହି ସିଦ୍ଧାନ୍ତରେ ପହଞ୍ଚିପାରିବ ଯେ ଉପର ବର୍ଣ୍ଣିତ ପ୍ରଥମ ଦୁଇ ଶ୍ରେଣୀକୁ ବୁଝିପାରିବା ପାଇଁ ସେ ମଣିଷ ସକାଶେ ଯେପରି ଉପକରଣମାନ ବ୍ୟବସ୍ଥା କରିଛନ୍ତି, ସେହିପରି ସେ ତୃତୀୟ ଶ୍ରେଣୀଭୁକ୍ତ ସେହି ବିଶ୍ୱକୁ ବୁଝିପାରିବା ସକାଶେ ନିଶ୍ଚୟ ମଣିଷକୁ ବିଭିନ୍ନ ଯନ୍ତ୍ରପାତି ଓ ଉପକରଣମାନ ବ୍ୟବସ୍ଥା କରିଥିବେ । ଆମେ ଉପରେ ବର୍ଣ୍ଣନା କରିଛୁ ଯେ ସେଗୁଡ଼ିକ ହେଉଛି ଅଲୌକିକ ଦୃଶ୍ୟ, ଦିବ୍ୟ ପ୍ରକଟନ ଓ ଅଲ୍ଲାଃଙ୍କ ବାଣୀ । ଏ ପ୍ରକାର ଯୋଗାଯୋଗ ପଦ୍ଧତି କୌଣସି ଯୁଗରେ ଅକାମୀ ହୋଇ ପଡ଼ିଥିବା ବା ଆଉ କାର୍ଯ୍ୟକାରୀ ହେଉ ନଥିବା ତଥ୍ୟକୁ ଧାରଣା କରାଯାଇ ପାରିବ ନାହିଁ । ବରଂ ଯେଉଁମାନେ ଏହାର ସମସ୍ତ ସର୍ତ୍ତକୁ ପାଳନ କରିଛନ୍ତି, ସେମାନେ ସର୍ବଦା ଲାଭବାନ୍ ହୋଇଛନ୍ତି ଓ ସର୍ବଦା ଲାଭବାନ୍ ହୋଇ ଆସୁଥିବେ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୨, ପୃ. ୨୭-୨୮, ସୁରମା ଏ ଚଶମା ଏ ଆରିୟା, ୧୭୫-୧୭୬)

# ଦେବଦୂତ

ପବିତ୍ର କୁରଆନକୁ ଗଭୀର ଭାବରେ ଅଧ୍ୟୟନ କଲେ ଜାଣିହେବ ଯେ କେବଳ ମଣିଷକୁ ଶିକ୍ଷା ଦେବା ବା ତା'ର ଉତ୍ତରୋତ୍ତର ଉନ୍ନତି କରିବା ସକାଶେ ନୁହେଁ, ବରଂ ସମଗ୍ର ବିଶ୍ୱରେ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ପ୍ରଗତିଶୀଳ ବିକାଶ ପାଇଁ ସୃଷ୍ଟିକର୍ତ୍ତା ଓ ତାହାଙ୍କ ସୃଷ୍ଟି ମଧ୍ୟରେ କେତେକ ମଧ୍ୟବର୍ତ୍ତୀ ସତ୍ତା ରହିବା ଅପରିହାର୍ଯ୍ୟ । ପବିତ୍ର କୁରଆନରେ ଏଭଳି ସ୍ପଷ୍ଟ ସୂଚନାମାନ ଦିଆଯାଇଛି, ଯାହା ସାହାଯ୍ୟରେ ଜଣେ ଲୋକ ବିଶ୍ୱାସ କରିବ ଯେ ଦେବଦୂତ ଭାବେ ଖ୍ୟାତ ଦିବ୍ୟ ସତ୍ତାମାନଙ୍କର ବିଭିନ୍ନ ଗ୍ରହ ନକ୍ଷତ୍ର ସହିତ ସୁନିର୍ଦ୍ଦିଷ୍ଟ ସମ୍ପର୍କ ରହିଅଛି । ସେମାନଙ୍କ ମଧ୍ୟରୁ କେତେକ ଅଲ୍ଲାଃଙ୍କ ପ୍ରଦତ୍ତ ସ୍ୱତନ୍ତ୍ର ଶକ୍ତି ବଳରେ ବାୟୁକୁ ପରିଚାଳିତ କରାନ୍ତି ଏବଂ ଅନ୍ୟ କେତେକ ବୃଷ୍ଟି କରାନ୍ତି । ସେହିପରି ଆଉ କେତେକ ଅଛନ୍ତି, ଯେଉଁମାନେ କେତେକ ମହାଜାଗତିକ ପ୍ରଭାବକୁ ଧରାପୃଷ୍ଠରେ ଅବତରଣ କରାଇବା ଲାଗି ନିଯୁକ୍ତ ହୋଇଛନ୍ତି ।

(ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ : ୨, ପୃ. ୧୨୭-୧୨୮ ; ତୌଜି ଏ ମରାମ, ପୃ. ୪୫, ପ୍ରଥମ ସଂସ୍କରଣ)

ମନେ ରଖିବାକୁ ହେବ ଯେ ଇସଲାମ ମତରେ ଦେବଦୂତମାନଙ୍କର ପ୍ରତିଭା ମନୁଷ୍ୟମାନଙ୍କ ପ୍ରତିଭା ଠାରୁ କୌଣସି ଗୁଣରେ ଶ୍ରେଷ୍ଠ ନୁହେଁ । ଭୌତିକ ବା ଆଧ୍ୟାତ୍ମିକ

ଜଗତରେ ମଧ୍ୟବର୍ତ୍ତୀ ଭୂମିକା ଗ୍ରହଣ କରିବା ସକାଶେ ସେମାନଙ୍କୁ ନିଯୁକ୍ତ କରାଯାଇ ଥିବାରୁ ସେମାନେ ଶ୍ରେଷ୍ଠ ବୋଲି କୌଣସି ସୂଚନା ମିଳୁନାହିଁ । ପବିତ୍ର କୁରଆନ ଅନୁସାରେ ସେମାନଙ୍କୁ ଭୃତ୍ୟ ଭଳି ଏସବୁ କାର୍ଯ୍ୟରେ ନିୟୋଜିତ କରାଯାଇଛି ।

(ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ ୩, ପୃ. ୭୪, ତୋ଼କିଃ ଏ ମରାମ, ପୃ. ୪୫, ପ୍ରଥମ ସଂସ୍କରଣ)

ଦେବଦୂତମାନଙ୍କ ଅବତରଣର ଅର୍ଥ କ'ଣ ବୋଲି ଜଣେ ଆଶ୍ଚର୍ଯ୍ୟ ହୋଇ ପଚାରିପାରେ । ତେଣୁ ଏଠାରେ ଅବଗତ କରାଇ ଦିଆଯାଉଛି ଯେ ଅଲ୍ଲାଃଙ୍କର ସୁପ୍ରତିଷ୍ଠିତ ପଦ୍ଧତି ଅନୁସାରେ ଯେବେ କୌଣସି ରସୁଲ ବା ନବୀ ବା ମୁହଦ୍ଦିସ ଅର୍ଥାତ୍ ବାର୍ତ୍ତାବହ ବା ଅବତାର ବା ବିଧି ପ୍ରବକ୍ତା ମାନବ ସମାଜର ସଂସ୍କାର ପାଇଁ ସ୍ୱର୍ଗରୁ ଅବତରଣ କରନ୍ତି, ତେବେ ତାଙ୍କ ସହିତ ନିଶ୍ଚିତ ରୂପେ ସେଭଳି ଦେବଦୂତଙ୍କର ଆଗମନ ହୁଏ, ଯେଉଁମାନେ କି ସତ୍ୟାନୁସନ୍ଧିତ୍ସୁ ଲୋକମାନଙ୍କ ହୃଦୟରେ ଧର୍ମବୀଜ ବପନ କରନ୍ତି । ସେମାନେ ସେଭଳି ଲୋକମାନଙ୍କୁ ପୁଣ୍ୟକାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାନ୍ତି । ଧର୍ମବିଶ୍ୱାସ ଓ ସତ୍ୟନିଷ୍ଠତାର ନୂତନ ଭାଷାଲୋକ ଅବଜ୍ଞା ଓ ଅଜ୍ଞାନତାର ଅନ୍ଧକାରକୁ ବିତାଡ଼ିତ ନକରିବା ପର୍ଯ୍ୟନ୍ତ ସେମାନେ ସେପରି ଅବତରଣ କରୁଥିବେ । ପବିତ୍ର କୁରଆନରେ ଏହିପରି ଉଲ୍ଲେଖ ଅଛି :

'ଦେବଦୂତ ଓ ଆତ୍ମା ନିଜ ପାଳନକର୍ତ୍ତାଙ୍କ ଆଦେଶ ଅନୁସାରେ ଏହି ରାତ୍ରିରେ ସମସ୍ତ କାର୍ଯ୍ୟ ସହ ଅବତରଣ କରିଥା'ନ୍ତି । ପ୍ରଭାତର ଆଗମନ ପର୍ଯ୍ୟନ୍ତ ଶାନ୍ତି ବିରାଜମାନ କରୁଥାଏ ।' (୯୭ : ୫-୬ ଦ୍ରଷ୍ଟବ୍ୟ)

ସୁତରାଂ ଦେବଦୂତଗଣ ଓ ରୁହୁଲ କୁଦ୍ଦୁସ (ଅର୍ଥାତ୍ ଜିବ୍ରାଇଲ)ଙ୍କର ସ୍ୱର୍ଗରୁ ଅବତରଣ ସେହି ସମୟରେ ହୁଏ, ଯେତେବେଳେ ଅଲ୍ଲାଃଙ୍କ ପ୍ରତିନିଧିଙ୍କ ପୋଷାକ ପରିଧାନ କରି ଅଲ୍ଲାଃଙ୍କ ବାଣୀ ଦ୍ୱାରା ଅନୁଗୃହୀତ ହୋଇ ଜଣେ ବିଶିଷ୍ଟ ଗୁଣଯୁକ୍ତ ପୁରୁଷ ଧରାପୃଷ୍ଠରେ ଅବତରଣ କରନ୍ତି । ସେହି ପ୍ରତିନିଧିଙ୍କ ପାଇଁ ଜିବ୍ରାଇଲଙ୍କୁ ସ୍ୱତନ୍ତ୍ର ଭାବେ ପ୍ରେରଣ କରାଯାଏ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୩, ପୃ. ୧୨; ଫତାଃ ଇସଲାମ, ପୃ. ୧୬, ପାଦଟୀକା, ପ୍ରଥମ ସଂସ୍କରଣ)

# ଅଲ୍ଲାଃଙ୍କ ପଥରେ ପ୍ରବଳ ଉଦ୍ୟମ (ଜିହାଦ)

ଇସଲାମ କେବେହେଲେ ବାଧ୍ୟ ବାଧକତାକୁ ସମର୍ଥନ କରେ ନାହିଁ । ଯଦି ପବିତ୍ର କୁରଆନ, ହଦିସ୍ ପୁସ୍ତକାବଳୀ ଓ ଐତିହାସିକ ନଥିପତ୍ରକୁ ଯତ୍ନ ସହକାରେ ପରୀକ୍ଷା କରାଯିବ ଓ ଯଥା ସମ୍ଭବ ଅଧ୍ୟୟନ କରାଯିବ ଏବଂ ସେ ବିଷୟରେ ମନୋଯୋଗ ପୂର୍ବକ କର୍ଣ୍ଣପାତ କରାହେବ, ତେବେ ଇସଲାମ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ତରବାରୀ ପ୍ରୟୋଗ କରିବାକୁ ଯେ ଅନୁମୋଦନ କରିଛି, ଏହି ଅଭିଯୋଗ ଲଜ୍ଜାହୀନ ଭାବରେ ଓ ସମ୍ପୂର୍ଣ୍ଣ ରୂପେ ଅମୂଳକ ବୋଲି ଏକ ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହେବା ଅବଶ୍ୟମ୍ଭାବୀ ମନେ ହେବ । ବସ୍ତୁତଃ ଯେଉଁମାନେ ପୂର୍ବ ଧାରଣାର ବଶବର୍ତ୍ତୀ ନହୋଇ, ପବିତ୍ର କୁରଆନ ବା ହଦିସ ବା ଇସଲାମିକ୍ ଇତିହାସର ବିଶ୍ୱାସଯୋଗ୍ୟ ଉତ୍ସଗୁଡ଼ିକର ଅଧ୍ୟୟନ କରି ନାହାନ୍ତି, କେବଳ ସେହିମାନେ ଏ ପ୍ରକାର ମତ ପୋଷଣ କରନ୍ତି । କେବଳ ସେତିକି ନୁହେଁ, କେତେକ ବ୍ୟକ୍ତି ମିଥ୍ୟା ରଚନା କରିବାରେ ଆଗୁସାର ହୋଇଛନ୍ତି ଏବଂ ଅମୂଳକ ଦୋଷାରୋପ କରିବାରେ ପଛେଇ ନାହାନ୍ତି । ମୁଁ ଅବଶ୍ୟ ଜାଣେ ଯେ ସେହି ସମୟ ଖୁବ୍ ଶୀଘ୍ର ଆସିଯାଉଛି ଯେତେବେଳେ ସତ୍ୟାନୁସନ୍ଧିତ୍ସୁ ବ୍ୟକ୍ତିମାନେ ପ୍ରତିପକ୍ଷର ପ୍ରତାରଣାକୁ ଖୋଦ୍ ଦେଖିପାରିବେ । ଯେବେ ଇସଲାମର ଧର୍ମଗ୍ରନ୍ଥ କୁରଆନ ନିର୍ଦ୍ଦିଷ୍ଟ ଭାବେ ଧର୍ମ ପ୍ରଚାରରେ ବଳ ପ୍ରୟୋଗକୁ ନିଷିଦ୍ଧ କରିଛି, ତେବେ କ'ଣ ସେହି ଧର୍ମକୁ ବଳ ପ୍ରୟୋଗକାରୀ ଧର୍ମରୂପେ ଅଭିହିତ କରାଯାଇ ପାରିବ ? ପବିତ୍ର କୁରଆନରେ ଏହିପରି ଉଲ୍ଲେଖ ଅଛି

'ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ୍ୟ ବାଧକତା ନାହିଁ ।' (୨ : ୨୫୭)

ଯେଉଁ ଅବତାର ଦୀର୍ଘ ତେର ବର୍ଷ ଧରି ଦିନରାତି ମକ୍କାରେ ନିଜ ସହଚରମାନଙ୍କୁ ମନ୍ଦକାର୍ଯ୍ୟ ବଦଳରେ ମନ୍ଦକାର୍ଯ୍ୟ ନକରିବାକୁ, ବରଂ ଏହାକୁ ସହ୍ୟ କରିବାକୁ ଓ କ୍ଷମା ଦେବାକୁ ଉପଦେଶ ଦେଇଥିଲେ, କ'ଣ ସେହି ମହାନ୍ ଅବତାର ଅନ୍ୟମାନଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରିଥିବା ବିଷୟରେ ଆମେ ଅଭିଯୋଗ କରିପାରିବା ? ଅବଶ୍ୟ ଯେତେବେଳେ ଶତ୍ରୁ ପକ୍ଷର ମନ୍ଦ କାର୍ଯ୍ୟଗୁଡ଼ିକ ସକଳ ସୀମା ଅତିକ୍ରମ କରିଗଲା ଏବଂ ଯେତେବେଳେ ତାଙ୍କ ଚତୁଃପାର୍ଶ୍ୱରେ ରହୁଥିବା ବିଭିନ୍ନ ଜାତିର ଲୋକମାନେ ଇସଲାମକୁ ଲୋପ କରିଦେବାପାଇଁ ବଦ୍ଧପରିକର ଉଦ୍ୟମ କରିଥିଲେ, ସେତେବେଳେ ଅଲ୍ଲାଃଙ୍କର ସ୍ୱାଭିମାନ ସେମାନଙ୍କୁ ସତର୍କ କରାଇ ଦେଇଥିଲା ଯେ 'ଯେଉଁମାନେ ତରବାରି ଉତ୍ତୋଳନ କରିଛନ୍ତି ସେମାନେ ସେହି ତରବାରି ଦ୍ୱାରା ନିହତ ହେବେ ।' ଅନ୍ୟଥା ପବିତ୍ର କୁରଆନ ବଳ ପ୍ରୟୋଗ କରିବାକୁ ଆଦୌ ଶିଖାଇ ନାହିଁ । ଯଦି ଧର୍ମ ପରିବର୍ତ୍ତନ ପାଇଁ କୌଣସି ପ୍ରକାର

ବଳପ୍ରୟୋଗ କରିବାକୁ ଶିକ୍ଷା ଦିଆଯାଇଥାନ୍ତା ବା ସେପରି କିଛି କରାଯାଇଥାନ୍ତା, ତେବେ ହଜରତ ମୁହମ୍ମଦ[ସଅ]ଙ୍କ ସହଚରମାନଙ୍କ ପକ୍ଷରେ ଦୁଃଖ କଷ୍ଟବେଳେ ସେପରି ଦୃଢ଼ତା ଓ ଅନୁରକ୍ତି ପ୍ରଦର୍ଶନ କରିବା ଅସମ୍ଭବ ହୋଇଥାନ୍ତା । ବସ୍ତୁତଃ କେବଳ ପ୍ରକୃତ ବିଶ୍ୱାସକାରୀମାନେ ଏପରି କରିପାରନ୍ତି । ଆମର ମୁନିବ ପବିତ୍ର ରସୁଲ[ସଅ]ଙ୍କର ସହଚରମାନଙ୍କ ଅନୁରକ୍ତି ଓ ଏକନିଷ୍ଠା ଏପରି ଏକ ସୁବିଦିତ ତଥ୍ୟ ଯେ ସେ ସମ୍ବନ୍ଧରେ ଆମମାନଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ପ୍ରକାଶ କରିବାର ଆବଶ୍ୟକ ହିଁ ନାହିଁ । ଏ ବିଷୟ କାହାରି ଠାରୁ ଅଛପା ନୁହେଁ ଯେ ସେମାନଙ୍କ ମଧ୍ୟରେ ଏପରି ବହୁ ଅନୁରକ୍ତ ଓ ଏକନିଷ୍ଠ ଆଦର୍ଶ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଦୃଷ୍ଟାନ୍ତ ଅନ୍ୟାନ୍ୟ ଦେଶର ଇତିହାସ ପୃଷ୍ଠାରେ ଖୋଜିଲେ ମଧ୍ୟ ମିଳିବା କଠିନ । ଅନ୍ୟ ପକ୍ଷରେ ସେମାନେ ନିଜର ସର୍ବଶ୍ରେଷ୍ଠ ଅବତାର ତଥା ପବିତ୍ର ରସୁଲଙ୍କ ଗହଣରେ ଥାଇ ଏଭଳି ଏକନିଷ୍ଠତା ପ୍ରଦର୍ଶନ କରିଥିଲେ ଯେ ଅନ୍ୟ କେହି ଯାହାର ମନ ଓ ହୃଦୟ ଧର୍ମାଲୋକରେ ଆଲୋକିତ ହୋଇ ନଥିବ, ସେ ସେଭଳି ଏକନିଷ୍ଠତା ପ୍ରଦର୍ଶନ କରିପାରିବ ନାହିଁ । ଅତଏବ ଇସଲାମ ଧର୍ମରେ ବାଧ୍ୟବାଧକତାର କୌଣସି ସ୍ଥାନ ନାହିଁ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ; ୧୫, ପୃ. ୧୧-୧୨ ; ମସିହ ହିନ୍ଦୁସ୍ତାନ ମେଁ, ମୁଖବନ୍ଧ)

ପ୍ରକୃତ ମୁସଲମାନଙ୍କ ମଧ୍ୟରୁ ଯେତେଜଣ ଇହଲୀଳା ସମ୍ବରଣ କରି ବାହୁଡ଼ିଛନ୍ତି, କେହି ଜଣେହେଲେ ଏପରି ବିଶ୍ୱାସ ପୋଷଣ କରି ନଥିଲେ ଯେ ଇସଲାମ ଧର୍ମର ପ୍ରଚାର ଓ ପ୍ରସାର ତରବାରୀ ମାଧ୍ୟମରେ ହେବ । ପ୍ରକୃତ ପକ୍ଷେ, ଇସଲାମ ଧର୍ମ ନିଜର ଚରମ ଉତ୍କର୍ଷତା ବଳରେ ସଂସାରରେ ପ୍ରସାରିତ ହୋଇଛି । ସୁତରାଂ ଯେଉଁମାନେ ନିଜକୁ ମୁସଲମାନ ବୋଲାଇବା ସତ୍ତ୍ୱେ ତଥାପି ବିଶ୍ୱାସ କରୁଥାନ୍ତି ଯେ ବଳ ପ୍ରୟୋଗ କରି ଧର୍ମ ପ୍ରଚାର କରିବାକୁ ହେବ, ସେମାନେ ଇସଲାମ ଧର୍ମର ନିଜସ୍ୱ ସଦ୍‌ଗୁଣାବଳୀ ସମ୍ବନ୍ଧରେ କିଛି ହିଁ ଜାଣନ୍ତି ନାହିଁ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ; ୧୫, ପୃ. ୧୬୭ ; ତିରୟାକୁଲ କୁଲୁବ, ଟୀକା, ପୃ. ୩୯) ।

# ପ୍ରାର୍ଥନା

ଯେବେ ଅଲ୍ଲାଃଙ୍କ ଆଶୀର୍ବାଦ ନିକଟତର ହୁଏ, ତେବେ ସେ ପ୍ରାର୍ଥନା ମଞ୍ଜୁର ହେବାଭଳି ଆବଶ୍ୟକ ବ୍ୟବସ୍ଥା କରିଥା'ନ୍ତି । ଫଳରେ ହୃଦୟ କମ୍ପି ଉଠେ, ଉଷ୍ମତା ଅନୁଭୂତ ହୁଏ ଓ ତା'ପରେ ହୃଦୟରେ ଉତ୍ତେଜନା ଦେଖାଯାଏ । କିନ୍ତୁ ପ୍ରାର୍ଥନା ମଞ୍ଜୁରିର ସମୟ ଆସି

ନଥିଲେ, ମନ ମଧ୍ୟରେ ସେଭଳି ପ୍ରଶାନ୍ତି ଓ ଭାବପ୍ରବଣତାର ଉଦ୍ରେକ ହୁଏ ନାହିଁ । ନିଜେ ଯେତେ ଚେଷ୍ଟା କଲେ ମଧ୍ୟ ହୃଦୟରେ ଏଥିପ୍ରତି ଆଗ୍ରହ ଜନ୍ମେ ନାହିଁ । ଏପରି ନହେବାର କାରଣ ହେଉଛି, ସମୟେ ସମୟେ ଅଲ୍ଲାଃ ନିଜର ନିଷ୍ପତ୍ତିକୁ ହିଁ କାର୍ଯ୍ୟାନ୍ୱିତ କରିଥା'ନ୍ତି । ଫଳରେ ତାଙ୍କରି ଇଚ୍ଛା ପୁରଣ ହୁଏ ଓ ଅନ୍ୟ କେତେକ ସମୟରେ ସେ ନିଜ ଭକ୍ତଙ୍କ ପ୍ରାର୍ଥନାକୁ ସ୍ୱୀକାର କରି ନିଅନ୍ତି ।

ସେହି କାରଣରୁ ମୁଁ ଅଲ୍ଲାଃଙ୍କ ସମ୍ମତିର ଲକ୍ଷଣ ଅନୁଭବ ନକରିବା ପର୍ଯ୍ୟନ୍ତ ମୋ ପ୍ରାର୍ଥନା ଗୃହୀତ ହେବା ବିଷୟରେ ମୁଁ ଅଧିକ ଆଶାବାନ୍ ହୁଏ ନାହିଁ । ଏପରି ସମୟରେ ମୁଁ ମୋ ପ୍ରଭୁଙ୍କ ଅଭିଳାଷ ଆଗରେ ନିଜକୁ ସମର୍ପଣ କରିବାରେ ସେତିକି ଆନନ୍ଦ ଅନୁଭବ କରେ, ଯେତିକି ଆନନ୍ଦ ମୋ ପ୍ରାର୍ଥନା ଗୃହୀତ ହେଲାବେଳେ କରିଥାଏ । ବାସ୍ତବରେ ମୁଁ ଜାଣେ ଯେ ଅଲ୍ଲାଃଙ୍କ ଇଚ୍ଛା ଆଗରେ ନିଜକୁ ସମର୍ପଣ କରି ଦେବାରୁ ଯେଉଁ ଆଶିଷ ଓ ଫଳ ମିଳେ ତାହା ଏହାଠାରୁ ବହୁ ଅଧିକ ।

(ମଲଫୁଜାତ ; ଗ୍ରନ୍ଥ ଖଣ୍ଡ,୧.ପୃ-୪୬୦)

# ଆମ ସିଦ୍ଧାନ୍ତ

ଆମ ଧର୍ମ ବିଶ୍ୱାସର ସାରାଂଶ ହେଉଛି 'ଲା'ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର ରସୁଲୁଲ୍ଲାଃ' ଅର୍ଥାତ୍ 'ଅଲ୍ଲାଃଙ୍କ ଭିନ୍ନ ଅନ୍ୟ କେହି ଉପାସ୍ୟ ନାହିଁ ଓ ମୁହମ୍ମଦ ତାଙ୍କର ବାର୍ତ୍ତାବହ ।' ଆମେମାନେ ଏଇ ସଂସାରରେ ଥିବାବେଳେ ଯେଉଁ ଧର୍ମବିଶ୍ୱାସ ଉପରେ ଆସ୍ଥା ସ୍ଥାପନ କରୁ ଓ ପରଲୋକକୁ ପ୍ରସ୍ଥାନ କରିବା ସମୟ ପର୍ଯ୍ୟନ୍ତ ଯେଉଁ ଧର୍ମ ବିଶ୍ୱାସକୁ ଆମେ ଦୃଢ଼ତାର ସହିତ ଧାରଣ କରିଥାଉଁ, ତା'ହେଉଛି, ଆମମାନଙ୍କ ଆଧ୍ୟାତ୍ମିକ ନେତା ତଥା ମୁନିବ ହଜରତ ମୁହମ୍ମଦ[ସଅ] ହେଉଛନ୍ତି 'ଅବତାରମାନଙ୍କ ମୋହର' ଓ ସେ ହିଁ 'ବାର୍ତ୍ତାବହମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ' । ତାହାଙ୍କ ହସ୍ତରେ ଧର୍ମ ପରିପୂର୍ଣ୍ଣତା ଲାଭ କରିଛି ଓ ଅଲ୍ଲାଃଙ୍କ ଆଶୀର୍ବାଦ ସମ୍ପୂର୍ଣ୍ଣ ହୋଇଛି, ଯାହା ମଣିଷକୁ ସତ୍‌ପଥରେ ପରିଚାଳିତ କରାଏ ଓ ଯାହା ଅଗ୍ରସର କରାଇ ତାକୁ ଅଲ୍ଲାଃଙ୍କ ନିକଟରେ ପହଞ୍ଚାଇ ଦିଏ । ଆମେମାନେ ଦୃଢ଼ ବିଶ୍ୱାସର ସହିତ ଏହି ବିଷୟରେ ଆସ୍ଥା ସ୍ଥାପନ କରୁଅଛୁ ଯେ ପବିତ୍ର କୁରଆନ ହେଉଛି ଅନ୍ୟ ସବୁ ଦିବ୍ୟ ଗ୍ରନ୍ଥର ମୋହର ଓ ଏଥିରେ ବିନ୍ଦୁବିସର୍ଗ ଯୋଗ କରାହେବ ନାହିଁ କି ବିୟୋଗ କରାହେବ ନାହିଁ । ଅର୍ଥାତ୍ ନିର୍ଦ୍ଧାରିତ ଶିକ୍ଷା, ଉପଦେଶ, ଆଦେଶ ଓ ନିଷେଧାଜ୍ଞା ଆଦିରେ

କୌଣସି ପରିବର୍ତ୍ତନ କରାହେବ ନାହିଁ । ଅଲ୍ଲାଃଙ୍କ ତରଫରୁ ଆଉ ଏପରି କୌଣସି ଦିବ୍ୟ ପ୍ରକଟନ ବା ବାଣୀ ଆସିବ ନାହିଁ, ଯାହା କୁରଆନ ଅନ୍ତର୍ଗତ ଆଦେଶାବଳୀକୁ ଅଥବା ଯେ କୌଣସି ଆଦେଶକୁ ସଂଶୋଧନ ବା ପରିବର୍ତ୍ତନ ବା ରସହୀନ କରିପାରିବ । ଯଦି କେହି ସେପରି ଭାବୁଥାଏ ତେବେ ସେ ନିଶ୍ଚିତ ରୂପେ ମୁସଲମାନ ସମାଜରେ ଆଉ ସାମିଲ ହୋଇ ରହିନାହିଁ ଓ ସେପରି ମନୋବୃତ୍ତି ରଖିଲେ ସେ ଜଣେ କାଫିର ଓ ବିଧର୍ମୀ ପଦବାଚ୍ୟ ହେବ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୩, ପୃ.୧୬୯-୧୭୦; ଅଜାଲା ଏ ଅଉହାମ, ପୃ.୧୩୭-୧୩୮)**

ହେ ତୁମେ ଯେଉଁମାନେ ଏହି ଧରାଧାମରେ ରହୁଛ ! ଏବଂ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କରେ ବାସ କରୁଥିବା ହେ ମଣିଷ ଆତ୍ମାଧାରୀ ପ୍ରାଣୀ ! ମୁଁ ତୁମମାନଙ୍କୁ ଖୁବ୍ ଆନ୍ତରିକତା ସହିତ ଏହି ବିଷୟ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି ଯେ ସାମ୍ପ୍ରତିକ ପୃଥିବୀରେ ଏକମାତ୍ର ବାସ୍ତବ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ, ପବିତ୍ର କୁରଆନ ବର୍ଣ୍ଣିତ ଅଲ୍ଲାଃ ହିଁ ପ୍ରକୃତ ଉପାସ୍ୟ ଏବଂ ପ୍ରକୃତ ଅବତାର ହେଉଛନ୍ତି ସେହି ଅବତାର ଯିଏ ମୁହମ୍ମଦ ନାମରେ ଖ୍ୟାତ । ଯିଏ ଅଲ୍ଲାଃଙ୍କ ଦ୍ୱାରା ମନୋନୀତ, ଯିଏ ଶାଶ୍ୱତ ଦିବ୍ୟ ଜୀବନର ଅଧିକାରୀ ଏବଂ ଯିଏ ଗୌରବ ଓ ପବିତ୍ରତାର ସିଂହାସନ ଉପରେ ଆସୀନ । ତାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବିରାଜିତ ହେଉ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୫, ପୃ. ୧୪୧; ତିରଯାକୁଲ କୁଲୁବ, ପୃ. ୧୩)**

# ପାପ

ବାସ୍ତବରେ ପାପ ଏପରି ଏକ ବିଷ, ଯାହା ସେତେବେଳେ ଜନ୍ମ ଲାଭକରେ ଯେତେବେଳେ ମଣିଷ ଠାରୁ ଅଲ୍ଲାଃଙ୍କ ଆଜ୍ଞା ପାଳନର ଅଭାବ ଦେଖାଯାଏ ଓ ସେ ତାଙ୍କ ଉଚ୍ଛ୍ୱସିତ ପ୍ରେମରୁ ତଥା ତାଙ୍କ ମଧୁର ଚିନ୍ତନରୁ ବଞ୍ଚିତ ହୁଏ । ଯେଉଁ ବ୍ୟକ୍ତିର ହୃଦୟ ଅଲ୍ଲାଃଙ୍କ ପ୍ରେମ ପ୍ରତି ଉଦାସୀନ ହୋଇଯାଏ, ତା'ର ଭାଗ୍ୟ ସେହି ମୂଳୋତ୍ପାଟିତ ବୃକ୍ଷର ଅବସ୍ଥା ସଦୃଶ ଯାହା ମୃତ୍ତିକାରୁ ଜୀବନଶକ୍ତି ସଂଗ୍ରହ କରିବାକୁ ଆଉ ସମର୍ଥ ନୁହେଁ । ଯେପରି ସେହି ବୃକ୍ଷ କ୍ରମଶଃ ଶୁଷ୍କ ହୋଇ ମୃତ୍ୟୁ ମୁଖରେ ପଡ଼େ, ସେହି ଶୁଷ୍କ ସଦୃଶ ପାପ ମଣିଷ ହୃଦୟକୁ କବଳିତ କରିଥାଏ । ପ୍ରକୃତିର ନିୟମ ଅନୁସାରେ ଏ ରୂପେ ଶୁଷ୍କତା ଦୂର କରିବା ନିମିତ୍ତ ତିନି ପ୍ରକାର ପ୍ରତିକାର ଅଛି । (୧) ପ୍ରେମ (୨) ଇସ୍‌ତିଗ୍‌ଫାର ବା ଅଲ୍ଲାଃଙ୍କ ଠାରୁ କ୍ଷମାଭିକ୍ଷା । ଅନ୍ୟ ଅର୍ଥରେ ଏହା ପୋତି ଦେବା ବା ଘୋଡ଼ାଇ ପକାଇବାର ଇଚ୍ଛା । କାରଣ ଯେ ପର୍ଯ୍ୟନ୍ତ ବୃକ୍ଷର

ମୂଳ ମାଟି ଭିତରେ ପୋତି ହୋଇ ରହିଥାଏ, ସେ ପର୍ଯ୍ୟନ୍ତ ତହିଁରେ ସବୁଜପତ୍ର ବାହାରିବାର ସମ୍ଭାବନା ଥାଏ । (୩) ତୌବା ବା ଅନୁତାପ; ଅନ୍ୟ ଅର୍ଥରେ ଜୀବନଶକ୍ତିକୁ ଆକର୍ଷଣ କରିବା ନିମନ୍ତେ ସମ୍ପୂର୍ଣ୍ଣ ନମ୍ରତା ସହକାରେ ଅଲ୍ଲାଃଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବ, ନିଜକୁ ତାଙ୍କର ନିକଟବର୍ତ୍ତୀ କରାଇବା ଏବଂ ପୁଣ୍ୟକାର୍ଯ୍ୟ କରି ପାପର ଆବରଣ ଭିତରୁ ନିଜକୁ ମୁକ୍ତ କରିବା । କେବଳ ବାଚନିକ କଥାରେ ଅନୁତାପ କଲେ କୌଣସି ଫଳ ମିଳିବ ନାହିଁ । ବରଂ ସତ୍‌କାର୍ଯ୍ୟ କରି ଅନୁତାପକୁ ଦୋଷଶୂନ୍ୟ କରାଯାଇ ପାରିବ । ବସ୍ତୁତଃ ସକଳ ପୁଣ୍ୟକାର୍ଯ୍ୟର ଲକ୍ଷ୍ୟ ହେଉଛି ଅନୁତାପକୁ ଦୋଷଶୂନ୍ୟ କରାଇବା ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ; ୧୨, ପୃ. ୩୨୮-୩୨୯ ; ସିରାଜୁଦ୍ଦିନ ଇସାଇକେ ଗ୍ଚର ସଓ୍ବାଲୋଁ କା କଓ୍ବାବ, ପୃ. ୨-୩)

# ମୋକ୍ଷ

ବାଇବେଲରେ ମୋକ୍ଷ ସମ୍ବନ୍ଧରେ ଯେଉଁ ମତବାଦର ବର୍ଣ୍ଣନା ଅଛି (ଅର୍ଥାତ୍ ଯୀଶୁଙ୍କର କ୍ରୁଶବିଦ୍ଧ-କରଣ ମାଧ୍ୟମରେ ହିଁ ପ୍ରାୟଶ୍ଚିତ ଲାଭ କରାଯାଇ ପାରିବ) ତାହାକୁ ପବିତ୍ର କୁରଆାନ ଖଣ୍ଡନ କରୁଛି । ଯଦିଚ ଯୀଶୁଙ୍କୁ ପବିତ୍ର କୁରଆାନରେ ଅଲ୍ଲାଃଙ୍କର ଜଣେ ସତ୍ୟନିଷ୍ଠ ଅବତାର ବୋଲି ସ୍ୱୀକାର କରାଯାଇଛି ଓ ତାହାଙ୍କୁ ଅଲ୍ଲାଃଙ୍କର ପ୍ରିୟ ତଥା ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ରୂପେ ଘୋଷଣା କରାଯାଇଛି ତଥାପି ତାହାଙ୍କୁ ଜଣେ ସାଧାରଣ ମାନବ ବୋଲି ବର୍ଣ୍ଣନା କରାଯାଇଛି । ପୁନଶ୍ଚ ନୀତି ଦୃଷ୍ଟିରୁ ପବିତ୍ର କୁରଆାନ ମଧ୍ୟ ଏହି ଧାରଣାକୁ ସ୍ୱୀକାର କରୁନାହିଁ ଯେ ପ୍ରାୟଶ୍ଚିତ ସକାଶେ ଜଣେ ପାପୀର ବୋଝ ଅନ୍ୟ ଜଣେ ନିରୀହ ବ୍ୟକ୍ତି ବହନ କରିବ । ତର୍କ ଦୃଷ୍ଟିରୁ ମଧ୍ୟ ଏହା ସମୀଚୀନ ମନେ ହେଉ ନାହିଁ ଯେ ଯଦି ଶାମ ପାପ କରିବ ତେବେ ଦାମ କିପରି ସେଥିପାଇଁ ଦାୟୀ ହେବ ? ଏପରିକି ପୃଥିବୀର କୌଣସି ସରକାର ମଧ୍ୟ ଏହି ନୀତିକୁ ଅନୁସରଣ କରୁନାହାନ୍ତି । ପରିତାପର ବିଷୟ ଏହି ଯେ ପ୍ରାୟଶ୍ଚିତ ମତବାଦ ନେଇ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯେପରି ଭୁଲ କରିଛନ୍ତି, ଆର୍ଯ୍ୟ ସମାଜର ଲୋକମାନେ ମଧ୍ୟ ସେହିପରି ଭୁଲ କରି ଲକ୍ଷ୍ୟଭ୍ରଷ୍ଟ ହୋଇଛନ୍ତି । ଆର୍ଯ୍ୟ ସମାଜର ସିଦ୍ଧାନ୍ତ ମୁତାବକ ଉଭୟ ପ୍ରାୟଶ୍ଚିତ ଓ କ୍ଷମା ପ୍ରାର୍ଥନା ପୂର୍ଣ୍ଣତଃ ନିରର୍ଥକ; ସେମାନଙ୍କ ମତରେ ବାରମ୍ବାର ଜନ୍ମଲାଭ କରିବା ହେଉଛି ଉଚିତ ଦଣ୍ଡବିଧାନ । ତେଣୁ ସେମାନେ ଏହା ମଧ୍ୟ

ବିଶ୍ୱାସ କରନ୍ତି ଯେ ଅପରାଧ କରିଥିବାରୁ ଏପରିକି ଗୋଟାଏ ମାତ୍ର ଅପରାଧ କରିଥିଲେ ମଧ୍ୟ ବାରମ୍ବାର ଜନ୍ମ ନହେଲେ ପ୍ରାୟଶ୍ଚିତ ଅସମ୍ଭବ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୨୩, ପୃ. ୪୧୪, ଚଶମା ଏ ମାରେଫତ, ପୃ ୪୪-୪୫, ପ୍ରଥମ ସଂସ୍କରଣ)

# ମୃତ୍ୟୁପର ଜୀବନ

ଏ ବିଷୟରେ ଇସଲାମ ଧର୍ମରେ ଏକ ଉଚ୍ଚକୋଟୀର ମତବାଦ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ତା'ହେଉଛି, ମୃତ୍ୟୁ ପର ମଧ୍ୟବର୍ତ୍ତୀକାଳୀନ ସମୟରେ ପ୍ରତିଟି ଆତ୍ମାକୁ ଏପରି ଏକ ଶରୀର ମିଳେ, ଯାହା ଆନନ୍ଦ ଓ ଯନ୍ତ୍ରଣା ଅନୁଭବ କରିବା ପାଇଁ ଆବଶ୍ୟକ । ଆମେ ଅବଶ୍ୟ ସଠିକ୍ ଭାବରେ କହିପାରୁ ନାହିଁ ଯେ ସେହି ଶରୀର କେଉଁ ଉପାଦାନରେ ଗଢ଼ା । କାରଣ ଏହି ନଶ୍ୱର ଶରୀରର ଅସ୍ତିତ୍ୱ ଲୋପ ପାଇଯାଏ । ପ୍ରକୃତପକ୍ଷେ ସେହି ଏକା ଶରୀର ଯେ କବର ଭିତରେ ପୁନର୍ଜୀବିତ ହେଉଛି ତାହା କେହି ଲକ୍ଷ୍ୟ କରି ନାହାନ୍ତି । ଅନ୍ୟ ପକ୍ଷରେ ପାର୍ଥିବ ଶରୀରକୁ ଅଗ୍ନିରେ ଦାହ କରିବା ବିରଳ ନୁହେଁ । କେବେ କେବେ ସଂଗ୍ରାହଳୟରେ ସାଇତି ରଖାଯାଏ ବା ଦୀର୍ଘକାଳ ପର୍ଯ୍ୟନ୍ତ ତାହାକୁ କବର ବାହାରେ ରଖାଯାଏ । ଯଦି ଏହି ଶରୀର ପୁନର୍ଜୀବନ ଲାଭ କରନ୍ତା, ତେବେ ଲୋକମାନେ ମଧ୍ୟ ସେହି ଦୃଶ୍ୟ ଦେଖିବାକୁ ପାଆନ୍ତେ । ତଥାପି ପବିତ୍ର କୁରଆନ ଅଧ୍ୟୟନ କଲେ ସେଥିରୁ ମୃତବ୍ୟକ୍ତିର ପୁନର୍ଜୀବନ ଲାଭ ସମ୍ବନ୍ଧରେ ସ୍ପଷ୍ଟ ଜ୍ଞାନ ହାସଲ କରାଯାଇ ପାରିବ । ଅତଏବ ଆମମାନଙ୍କୁ ବିଶ୍ୱାସ କରିବାକୁ ହେବ ଯେ ମୃତ ବ୍ୟକ୍ତିମାନେ ଏପରି ଶରୀରରେ ପୁନର୍ଜୀବିତ ହୁଅନ୍ତି ଯାହା ଆମକୁ ଦେଖାଯାଏ ନାହିଁ । ସମ୍ଭବତଃ ଭୌତିକ ଶରୀରର କେତେକ ସୂକ୍ଷ୍ମାତିସୂକ୍ଷ୍ମ ଉପାଦାନରୁ ଆଧ୍ୟାତ୍ମିକ ଶରୀର ଗଠିତ ହୁଏ । ଶରୀରକୁ ଏ ରୂପେ ଆତ୍ମା ଯୋଗାଇ ଦିଆଯିବା ପରେ ମାନବ ସୁଲଭ ଅନୁଭୂତିଗୁଡ଼ିକ ପୁନଃସ୍ଥାପିତ ହୋଇଥାଏ । ଯେହେତୁ ଏହି ନୂତନ ଶରୀର ପୁରାତନ ଶରୀର ତୁଳନାରେ ଅତ୍ୟନ୍ତ ସୂକ୍ଷ୍ମ, ତେଣୁ ଏଥିପ୍ରତି ବ୍ୟାପକ ଭାବରେ ଅଲୌକିକ ଦୃଶ୍ୟ ଓ ଦିବ୍ୟ ପ୍ରକଟନର ଦ୍ୱାର ଉନ୍ମୁକ୍ତ ହୁଏ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ, ୧୩, ପୃ. ୭୦-୭୧; କିତାବୁଲ୍ ବରିୟା; ପୃ. ୫୨-୫୩)

# ଆତ୍ମା

ଅନୁସନ୍ଧାନରୁ ଜଣାଯାଏ ଯେ ଶରୀର ହେଉଛି ଆତ୍ମାର ଜନନୀ । ଆତ୍ମା ଗର୍ଭବତୀ ମହିଳାର ଗର୍ଭାଶୟରେ ଉର୍ଦ୍ଧ୍ୱରୁ ନିକ୍ଷିପ୍ତ ହୁଏ ନାହିଁ । ବସ୍ତୁତଃ ତାହା ହେଉଛି ଏକ ପ୍ରକାର ଜ୍ୟୋତି, ଯାହା ବୀର୍ଯ୍ୟ ମଧ୍ୟରେ ଲୁକ୍କାୟିତ ଭାବେ ରହିଥାଏ ଏବଂ ଭ୍ରୂଣର ପ୍ରାକୃତିକ ବିକାଶ ସଙ୍ଗେ ସଙ୍ଗେ ତାହା କ୍ରମଶଃ ଦୀପ୍ତିମାନ୍ ହେଉଥାଏ । ଅଲ୍ଲାଃଙ୍କର ଦିବ୍ୟବାଣୀ ଆମମାନଙ୍କୁ ଅବଗତ କରାଏ ଯେ ଆତ୍ମା ଏହି ଶରୀର ମଧ୍ୟରେ ହିଁ ସୃଷ୍ଟି ହୁଏ, ଯାହାକି ବୀର୍ଯ୍ୟରୁ ଜରାୟୁ ମଧ୍ୟରେ କ୍ରମଶଃ ବିକଶିତ ହୋଇ ଆକୃତି ଧାରଣ କରେ । ଅଲ୍ଲାଃ ପବିତ୍ର କୁରଆନରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି :

'...ଏହାପରେ ତାହାକୁ ଅନ୍ୟ ଏକ ଆକାରରେ ପରିବର୍ତ୍ତନ କଲୁ; ସୁତରାଂ ସେ ଅଲ୍ଲାଃ ହିଁ ଅତ୍ୟନ୍ତ ମଙ୍ଗଳମୟ, ଯେ କି ସର୍ବଶ୍ରେଷ୍ଠ ସୃଷ୍ଟିକର୍ତ୍ତା' (୨୩ : ୧୫ ଦ୍ରଷ୍ଟବ୍ୟ)

ଅର୍ଥାତ୍ ଅଲ୍ଲାଃ ଗର୍ଭାଶୟ ମଧ୍ୟରେ ଗଠିତ ହେଉଥିବା ଆକୃତିରେ ପରିବର୍ତ୍ତନ ଘଟାଇ ଏଥିରୁ ଏକ ନୂତନ ସୃଷ୍ଟି ବିକଶିତ କରାନ୍ତି, ଯାହାକୁ ଆମେ ଆତ୍ମା ନାମରେ ଅଭିହିତ କରିଛୁ । ବାସ୍ତବରେ ଅଲ୍ଲାଃ ହିଁ ଆଶୀର୍ବାଦର ଉତ୍ସ ଏବଂ ତାଙ୍କ ସଦୃଶ ବା ତାଙ୍କ ସମକକ୍ଷ ସ୍ରଷ୍ଟା ନାହାନ୍ତି ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୦, ପୃ. ୩୨୧, ଇସଲାମୀ ଉସୁଲ କି ଫଲାସଫି, ପୃ. ୭)**

ଯେପରି ଉଦ୍ୟାନ ପାଣି ନପାଇଲେ ଉଧେଇ ପାରିବ ନାହିଁ, ସେହିପରି ଧର୍ମବିଶ୍ୱାସ ମଧ୍ୟ ସତ୍‌କର୍ମ ବିନା ଜୀବିତ ଥିବା କୁହାଯାଇ ପାରିବ ନାହିଁ । ସତ୍‌କର୍ମ ବିନା ଧର୍ମବିଶ୍ୱାସ ନିରର୍ଥକ । ସେହିପରି ଧର୍ମ ବିଶ୍ୱାସ ନଥାଇ କେବଳ ସତ୍‌କର୍ମ କଲେ ତାହା ବାହ୍ୟ ପରିପ୍ରକାଶ ହେବ । ଇସଲାମ ମତରେ ତାହା ହିଁ ପ୍ରକୃତ ସ୍ୱର୍ଗ ଯାହା ଆମମାନଙ୍କୁ ଧର୍ମବିଶ୍ୱାସ ଓ ସତ୍‌କର୍ମର ଏକ ପରିଚୟ । ତାହା ଏପରି କୌଣସି ନୂତନ ବସ୍ତୁ ନୁହେଁ ଯାହା ବାହାରୁ ମଣିଷକୁ ଦିଆଯିବ । ବସ୍ତୁତଃ ତାହା ମଣିଷ ଭିତରେ ହିଁ ସୃଷ୍ଟି ହୁଏ । ପ୍ରତ୍ୟେକ ମଣିଷର ସ୍ୱର୍ଗ ତା' ନିଜ ଧର୍ମବିଶ୍ୱାସ ଓ ସତ୍‌କର୍ମରୁ ହିଁ ଉଦ୍‌ଭବ ହୁଏ ଓ ସେ ଏହି ସଂସାରରେ ହିଁ ତାହା ଅନୁଭବ କରିବାକୁ ତଥା ଉପଭୋଗ କରିବାକୁ ଆରମ୍ଭ କରିଥାଏ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ, ୧୦, ପୃ ୩୯୦; ଇସଲାମୀ ଓ୍ୱସୁଲ କି ଫଲାସଫି, ପୃ ୭୬)**

# ୟାଜୁଜ ଓ ମାଜୁଜଙ୍କ ବାସ୍ତବ ଚିତ୍ର

ୟାଜୁଜ ଓ ମାଜୁଜଙ୍କ ସମୟରେ ମସିହ ମଉଦ (ଅଙ୍ଗୀକୃତ ମସିହ)ଙ୍କର ଆବିର୍ଭାବ ଅନିବାର୍ଯ୍ୟ । ସେମାନେ ଏପରି ଏକ ଜାତି ଯେଉଁମାନେ ବହୁବିଧ କାର୍ଯ୍ୟରେ ଅଗ୍ନିର ବ୍ୟବହାର କରି, ସାମର୍ଥ୍ୟ ଦୃଷ୍ଟିରୁ ଅନ୍ୟମାନଙ୍କୁ ଅତିକ୍ରମ କରିଛନ୍ତି ଏବଂ ବାସ୍ତବରେ ସେମାନେ ହିଁ ଏ ଦିଗରେ ଅଗ୍ରଗାମୀ ଅଟନ୍ତି ।

ଆରବୀ ଶବ୍ଦ 'ଅଜିଜ୍'ର ଅର୍ଥ ଅଗ୍ନି । ସେହି ଶବ୍ଦରୁ ୟାଜୁଜ ଓ ମାଜୁକ ଶବ୍ଦର ଉତ୍ପତ୍ତି ହୋଇଛି । ତେଣୁ ଉପରୋକ୍ତ ଦୁଇ ନାମରୁ ହିଁ ସୂଚନା ମିଳୁଛି ଯେ ସେମାନଙ୍କର ସକଳ ଉଦ୍ଭାବନ ଯଥା ଜାହାଜ, ରେଳଗାଡ଼ି ଓ ଅନ୍ୟାନ୍ୟ କଳକବ୍‌ଜାରେ ଜାଳେଣି ରୂପେ ଅଗ୍ନି ବ୍ୟବହୃତ ହୁଏ ଏବଂ ସେମାନେ ଯୁଦ୍ଧରେ ମଧ୍ୟ ଆଗ୍ନେୟାସ୍ତ୍ର ବ୍ୟବହାର କରିଥା'ନ୍ତି । ବସ୍ତୁତଃ ସେମାନେ ଅଗ୍ନିକୁ କାର୍ଯ୍ୟରେ ନିୟୋଜିତ କରିବା ସମ୍ବନ୍ଧରେ ଅନ୍ୟାନ୍ୟ ଦେଶକୁ ଅତିକ୍ରମ କରିଯିବେ । ଏହି କାରଣରୁ ସେମାନେ ୟାଜୁଜ ଓ ମାଜୁଜ ନାମରେ ସୁବିଦିତ । ସେମାନେ ହେଉଛନ୍ତି ୟୁରୋପର ଲୋକ ଯେଉଁମାନେ କି ଅଗ୍ନିକୁ ଏ ରୂପେ ବ୍ୟବହାର କରିବାରେ ଏତେ ନିପୁଣ ଓ ଦକ୍ଷ ଯେ ସେମାନଙ୍କ ବିଷୟରେ ବିଶଦ ବ୍ୟାଖ୍ୟା କରିବା ନିଷ୍ପ୍ରୟୋଜନ । ଇସ୍ରାଇଲୀୟ ଅବତାରମାନଙ୍କୁ ଦିଆଯାଇଥିବା ପୂର୍ବବର୍ତ୍ତୀ ଧର୍ମଗ୍ରନ୍ଥରେ ୟୁରୋପୀୟ ଲୋକମାନେ ହିଁ ୟାଜୁଜ ରୂପେ ଉଲ୍ଲିଖିତ ହୋଇଛନ୍ତି । ଏପରିକି ମସ୍କୋ, ଯାହା ବହୁ ପୂର୍ବରୁ ରଷିଆର ରାଜଧାନୀ ଥିଲା, ତାହାର ନାମ ମଧ୍ୟ ପୂର୍ବବର୍ତ୍ତୀ ଧର୍ମଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ତେଣୁ ୟାଜୁଜ ଓ ମାଜୁଜଙ୍କ ସମୟରେ ପ୍ରତିଶ୍ରୁତ ମସିହଙ୍କ ଆବିର୍ଭାବ ବିଧିନିର୍ଦ୍ଦିଷ୍ଟ ଥିଲା ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୪, ପୃ - ୪୨୪-୪୨୫ ; ଅସ୍ୱାମୁସ ସୁଲାଃ, ପୃ. ୧୯୮-୧୯୯)

# ଆଲୋକର ଯୁଗ

ତୁମେମାନେ ଲକ୍ଷ୍ୟ କରୁଥିବ ଯେ ଯଥା ସମୟରେ ଗଛରେ ଫଳ ଧରେ; ଠିକ୍ ସେହିପରି ନିର୍ଦ୍ଦିଷ୍ଟ ସମୟରେ ଆଲୋକ ମଧ୍ୟ ଅବତରଣ କରେ । ତାହା ସ୍ୱତଃ ଅବତରିତ ହେବା ପୂର୍ବରୁ ତାକୁ କେହି ଅବତରଣ କରାଇ ପାରିବ ନାହିଁ କି ତାହା ଅବତରଣ କରିବାକୁ ଆରମ୍ଭ କଲେ କେହି ତାକୁ ବାଧା ଦେଇ ପାରିବ ନାହିଁ । ଅବଶ୍ୟ କଳିଗୋଳ ହେବ, ମତ ପାର୍ଥକ୍ୟ ଘଟିବ, କିନ୍ତୁ ପରିଶେଷରେ ସତ୍ୟର ଜୟ ହେବ । କାରଣ ତାହା ମଣିଷ କରିପାରିବା

କର୍ମ ନୁହେଁ କି ତାହା କୌଣସି ମାନବର କ୍ଷମତା ପରିସର ଭିତରେ ନାହିଁ । ତାହା ସର୍ବଶକ୍ତିମାନ୍ ଅଲ୍ଲାହ୍‌ଙ୍କ ଦ୍ୱାରା କରଣୀୟ ଯେକି ଋତୁ ପରିବର୍ତ୍ତନ କରନ୍ତି, ସମୟକୁ ବଦଳାନ୍ତି, ଦିନକୁ ରାତି ଭିତରୁ ଓ ରାତିକୁ ଦିନ ଭିତରୁ ବାହାର କରନ୍ତି । ସେ ଅବଶ୍ୟ ଅନ୍ଧକାର ଦୃଷ୍ଟି କରନ୍ତି, ମାତ୍ର ପ୍ରକୃତରେ ଆଲୋକର କାମନା କରନ୍ତି । ସେ ପିତୁଳା ପୂଜା ବ୍ୟାପି ଯିବାକୁ ମଧ୍ୟ ଛାଡ଼ି ଦିଅନ୍ତି, କିନ୍ତୁ ଏକେଶ୍ୱରବାଦର ଉତ୍ତରୋତ୍ତର ବିକାଶ ଦେଖିବାକୁ ଭଲ ପାଆନ୍ତି । ତାଙ୍କ ମହିମାରେ ଅନ୍ୟମାନେ ଭାଗୀଦାର ହୁଅନ୍ତି, ତାହା ସେ ଚାହାନ୍ତି ନାହିଁ । ଯେଉଁଦିନ ମଣିଷ ଜନ୍ମ ହୋଇଛି, ସେହି ଦିନରୁ ତା'ର ଅସ୍ତିତ୍ୱ ଲୋପ ହେବା ପର୍ଯ୍ୟନ୍ତ ଏହା ହିଁ ବିଧିର ବିଧାନ ଯେ ଅଲ୍ଲାହ୍ ସର୍ବଦା ଏକେଶ୍ୱରବାଦର ପୃଷ୍ଠପୋଷକତା କରନ୍ତି ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୧୫, ପୃ. ୬୫ : ମସିହ ହିନ୍ଦୁସ୍ତାନ ମେଁ)

اے خدا اے کار سازو عیب پوش و کردگار
اے مرے پیارے مِرے مُحسن مِرے پروردگار

یہ سراسر فضل و احساں ہے کہ میں آیا پسند
ورنہ درگہ میں تیری کچھ کم نہ تھے خدمت گزار

دوستی کا دَم جو بھرتے تھے وہ سب دشمن ہوئے
پر نہ چھوڑا ساتھ تُو نے اے مِرے حاجت برار

اے مِرے یارِ یگانہ اے مِری جاں کی پنہ
بس ہے تُو میرے لئے مجھ کو نہیں تجھ بِن بکار

میں تو مَر کر خاک ہوتا گر نہ ہوتا تیرا لُطف
پھر خدا جانے کہاں یہ پھینک دی جاتی غبار

اے فدا ہو تیری راہ میں میرا جسم و جان و دِل
میں نہیں پاتا کہ تجھ سا کوئی کرتا ہو پیار

ابتداء سے تیرے ہی سایہ میں میرے دِن کٹے
گود میں تیری رہا مَیں مثلِ طفلِ شِیر خوار

نسلِ انساں میں نہیں دیکھی وفا جو تجھ میں ہے
تیرے بِن دیکھا نہیں کوئی بھی یارِ غمگسار

لوگ کہتے ہیں کہ نالائق نہیں ہوتا قبول
میں تو نالائق بھی ہو کر پا گیا درگہ میں بار

اِس قدر مجھ پر ہوئیں تیری عنایات و کرم
جن کا مشکل ہے کہ تا روزِ قیامت ہو شمار

(روحانی خزائن جلد ۲۱ براہین احمدیہ حصہ پنجم صفحہ ۱۲۷)

ଅଏ ଖୁଦା, ଅଏ କାର୍‌ସାଜୋ ଅଏବେପୁଶୋ କିରଦିଗାର୍ ।
ଅଏ ମେରେ ପ୍ୟାରେ ମେରେ ମୋହସିନ୍ ମେରେ ପରଓ୍ୱର୍‌ଦିଗାର ।।
ୟହ ସରାସର୍ ଫଜଲୋ ଏହସାଁ ହେି କି ମେଁ ଆୟା ପସନ୍ଦ ।
ଓ୍ୱର୍‌ନା ଦରଗାହ୍ ମୈ କୁଛ୍ କମ୍ ନ ଥେ ଖିଦମତ୍ ଗୁଜାର୍ ।।

ଦୋସ୍ତିକା ଦମ୍ ଯୋ ଭରତେ ଥେ ଓ୍ୱହ ସବ୍ ଦୁଶ୍‌ମନ୍ ହୁଏ ।
ପର୍ ନା ଛୋଡ଼ା ସାଥ ତୁନେ ଅଏ ମେରେ ହାଜତ ବରାର୍ ।।
ଅଏ ମେରେ ୟାରେ ୟାଗାନା ଅଏ ମେରି ଜାଁ କି ପନାହ୍ ।
ବସ୍ ହୈ ତୁ ମେରେ ଲିଏ ମୁଝକୋ ନେହିଁ ତୁଝବିନ ବକାର୍ ।।
ମୈଁ ତୋ ମର୍ କର୍ ଖାକ୍ ହୋତା ଗର୍ ନା ହୋତା ତେରା ଲୁତଫ୍ ।
ଫିର୍ ଖୁଦା ଜାନେ କାହାଁ ୟେ ଫେଙ୍କ୍‌ଦି ଯାତି ଗୁବାର୍ ।।
ଅଏ ଫିଦା ହୋ ତେରି ରାହ ମେଁ ମେରା ଜିସ୍ମ ଓ ଜାନେ ଦିଲ୍ ।
ମୈଁ ନେହିଁ ପାତା କି ତୁଝ୍‌ସା କୋଇ କରତା ହୋ ପ୍ୟାର ।।
ଇବ୍‌ତିଦା ସେ ତେରେ ହି ସାୟାମେ ମେରେ ଦିନ୍ କଟେ ।
ଗୋଦ୍ ମେଁ ତେରି ରାହା ମେଁ ମିସ୍‌ଲ ତିଫ୍‌ଲ-ଏ-ଶୀର୍‌ଖ୍ୱାର ।।
ନସ୍‌ଲ ଇନସାଁ ମେଁ ନେହିଁ ଦେଖି ଓ୍ୱଫା ଯୋ ତୁଝମେ ହୈ ।
ତେରେ ବିନ୍ ଦେଖା ନେହିଁ କୋଇଭି ୟାର ଏ ଗମ୍‌ଗୁସାର୍ ।।
ଲୋଗ୍ କହତେ ହୈଁ କି ନାଲାୟକ୍ ନେହିଁ ହୋତା କବୁଲ ।
ମୈଁ ତୋ ନାଲାୟକ ଭି ହୋକର୍ ପାଗୟା ଦରଗାହ୍ ମେଁ ବାର୍ ।।
ଇସ୍ କଦର୍ ତୁଝ୍ ପର୍ ହୁଇ ତେରି ଇନାୟତୋ କରମ ।
ଜିନକା ମୁଶକିଲ୍ ହୈ କି ତା' ରୋଜେ କୟାମତ୍ ହୋ ଶୁମାର ।।

ଆହେ ପ୍ରଭୁ ଆହେ ସୃଷ୍ଟି କରତା,
ଦୋଷ ଘୋଡ଼ାଉଛ ଭାଗ୍ୟ ବିଧାତା ।
ଆହେ ପ୍ରିୟବନ୍ତ ପ୍ରଜା ପାଳକ,
ସାରା ପୃଥିବୀର ହିତ ସାଧକ ।
କେବଳ ତୁମରି ଅନୁଗ୍ରହରେ,
ମନୋନୀତ ହେଲି ଏହି ସଂସାରରେ ।
ଅନ୍ୟଥା ତୁମରି ଦରବାରରେ,
ଅଭାବ ନଥିଲେ ଭକତ ବୀରେ ।
ବନ୍ଧୁ ବନ୍ଧୁ ବୋଲି ଯେ କହୁଥିଲେ,
ସେହିମାନେ ସବୁ ଶତ୍ରୁ ହୋଇଲେ ।
ମୋ କଷଣ ବେଳ ସଖା ଉତ୍ତମ,

ଛାଡ଼ି ନାହିଁ କେବେ		ଏହି ଅଧମ ।
ଆହେ ପ୍ରିୟତମ		ତୁମ ସଙ୍ଗରେ,
ସରି ନାହିଁ ଜଣେ		କେହି ସଂସାରେ ।
ତୁମ ଚରଣରେ		ଦେଇ ଶରଣ,
ରଖିଅଛ ପ୍ରଭୁ		ମୋର ଜୀବନ ।
ତୁମେ ମୋ ଜୀବନେ		ଅଟ ସକଳ,
**ମୋ ଜୀବନ ତୁମ		ବିନା ବିଫଳ ।**
ମରି ମାଟି ହୋଇ		ଥାଆନ୍ତି ମୁହିଁ,
ଯଦି ଦୟାକରି		ନ ଥା'ନ୍ତେ ବିହି ।
ପଡ଼ିଥା'ନ୍ତା କାହିଁ		ମାଟି ଶରୀର,
ଜାଣି ଥା'ନ୍ତେ ଅବା		ଦୟା-ସାଗର ।
ମିଶୁ ମୋର ଦେହ		ମନ ଜୀବନ,
ତୁମ ପଥେ ଏକା		ମୋ ନିବେଦନ ।
ପାଉ ନାହିଁ କାରେ		ତୁମ ସମାନ,
ଯିଏ ପ୍ରେମ କରି		କିଣେ ମୋ ମନ ।
**ଆରମ୍ଭରୁ ଦିନ		କଟିଛି ମୋର,**
ତୁମ ଛାୟାଶ୍ରୟେ		ପରମେଶ୍ୱର ।
କ୍ଷୀରଖିଆ ଶିଶୁ		ସନ୍ତାନ ଭଳି,
ତୁମ କୋଳେ ବସି		ଖେଳୁଛି ଦୋଳି ।
ଯେଉଁ ନିଷ୍ଠା ନାହିଁ		ଜନ ସମାଜେ,
ସେହି ନିଷ୍ଠା ତୁମ		ଠାରେ ବିରାଜେ ।
ତୁମ ସମ ନାହିଁ		ଜଣେ ବାନ୍ଧବ,
ମୋର ଦୁଃଖେ ଦୁଃଖୀ		କ୍ଷଣେ ହୋଇବ ।
କହୁଛନ୍ତି ଜନେ		ଗୁଣ ନଥିଲେ,
**ଅନାଦୃତ ହୁଏ		ଜାଣି ଥା ଭଲେ ।**
ନ ଥାଇ ମୋହର		କିଛି ସୁଗୁଣ,
ତୁମ ଦରବାରେ		ମିଳିଲା ସ୍ଥାନ ।

ଏତେ ଅନୁକମ୍ପା		କୃପା କରିଣ,
ଅଭିଭୂତ କରି		ଦେଲ ଆପଣ ।
ଗଣି ପାରିବ କି		କେତେ ଦେଲ ହେ,
ରହିଥିବ ଧରା		ଯେତେ କାଳ ହେ ॥

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୨୧, ପୃ. ୧୨୭, ବ୍ରାହିନଏ-ଅହମଦିୟା, ଭାଗ ୫, ପୃ. ୯୭, କବିତା, ପ୍ରଥମ ସଂସ୍କରଣ)**

# ପବିତ୍ର କୁରଆନ

ପବିତ୍ର କୁରଆନ ହେଉଛି ଏକ ଧନର ଭଣ୍ଡାର । କିନ୍ତୁ ଅତି ଅଳ୍ପ ଲୋକ ଏ ବିଷୟରେ ଅବଗତ ଅଛନ୍ତି ।

**(ମଲଫୁଜାତ, ଗ୍ରନ୍ଥଖଣ୍ଡ : ୨, ପୃ. ୩୪୪)**

ପବିତ୍ର କୁରଆନ ଏତେ ଗୌରବମୟ ଯେ ଅନ୍ୟ କୌଣସି ଗ୍ରନ୍ଥର ଗୌରବ ତା'ଠାରୁ ଅଧିକ ନୁହେଁ । ଏହା 'ଅଲ ହକମ' ଭାବେ ଖ୍ୟାତ, ଅର୍ଥାତ୍ ଏହାର ନିଷ୍ପତ୍ତି ଚୂଡ଼ାନ୍ତ । ଏହା 'ମାହେମିନ' ଭାବେ ଖ୍ୟାତ, ଅର୍ଥାତ୍ ସକାଳ ଉପଦେଶର ଏକ ସଂକ୍ଷିପ୍ତ ବିବରଣୀ; ଆବଶ୍ୟକ ସକଳ ପ୍ରମାଣ ଏହା ମଧ୍ୟରେ ଅଛି । ଏହା ବିରୋଧୀମାନଙ୍କୁ ପରାହତ କରି ଇତସ୍ତତଃ ନିକ୍ଷିପ୍ତ କରିଛି । ଏହା ଏପରି ଏକ ପୁସ୍ତକ ଯହିଁରେ ପ୍ରତ୍ୟେକ ବିଷୟ ସବିସ୍ତାର ବର୍ଣ୍ଣନା କରାଯାଇଛି; ଏହା ମଧ୍ୟରେ ଉଭୟ ଅତୀତ ଓ ଭବିଷ୍ୟତର ସମାଚାରମାନ ରହିଅଛି । ମିଥ୍ୟା ଏହାକୁ ଆଗରୁ ବା ପଛରୁ ଆକ୍ରମଣ କରିପାରିବ ନାହିଁ; ଏହା ସର୍ବଶକ୍ତିମାନ୍ ଅଲ୍ଲାଃଙ୍କର ଆଲୋକ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୧୬, ପୃ. ୧୦୩, ଖୁତ୍‌ବା ଇଲହାମିୟା)**

ପବିତ୍ର କୁରଆନର ବୈଶିଷ୍ଟ୍ୟ ହେଉଛି ଯେ ତାହା ଏକ ସାଗରଗର୍ଭକ ଜ୍ଞାନର ଭଣ୍ଡାର, ଯାହାକି ଏକ ସୀମାହୀନ ସାଗରର ବିଶାଳତା ସହିତ ତୁଳନୀୟ । ଏହି ତଥ୍ୟ ଅବଶ୍ୟ ସମସ୍ତେ ଜାଣିବା ଆବଶ୍ୟକ । ସେଥିରେ ଯେଉଁସବୁ ଯଥାର୍ଥ ତଥ୍ୟ ପୂରି ରହିଛି, ଦର୍ଶନରେ ପରିପୂର୍ଣ୍ଣ ଯେଉଁ ସବୁ ଜ୍ଞାନ ରହିଛି, ଯଦି ଆମେ ତାହାକୁ ସବୁ ଦେଶ, ସବୁ ଜାତି ଓ ସବୁ ଭାଷାଭାଷୀଙ୍କ ନିକଟରେ ସେମାନେ ଭାରତୀୟ ହୋଇଥା'ନ୍ତୁ ଅଥବା ପାରସ୍ୟ, ୟୁରୋପ ବା ଆମେରିକାର ବାସିନ୍ଦା ହୋଇଥା'ନ୍ତୁ, ଖୋଲାଖୋଲି ଭାବରେ ପେଶ କରି ପାରିବା । ତେବେ

କୁରଆନ ଅନ୍ତର୍ଗତ ଅଲୌକିକ ଶିକ୍ଷା ସେମାନଙ୍କୁ ନିର୍ବାକ୍ ଓ ସମ୍ପୂର୍ଣ୍ଣ ନିରସ୍ତ୍ର କରାଇଦେବା ସଙ୍ଗେ ସଫେଇ ଦେବାକୁ କୌଣସି ସୁଯୋଗ ଦେବନାହିଁ । ସମୟର ପରିବର୍ତ୍ତନ କ୍ରମେ ଯେପରି ଆବଶ୍ୟକତା ଦେଖାଦିଏ, ସେହିପରି ପବିତ୍ର କୁରଆନର ଭିନ୍ନ ଭିନ୍ନ ଅର୍ଥ ଉନ୍ମୋଚିତ ହେଉଥାଏ ଏବଂ ପ୍ରତ୍ୟେକ ଯୁଗରେ ତା' ବିରୁଦ୍ଧରେ କରାଯାଉଥିବା ବକ୍ରୋକ୍ତି ଓ ଅପବାଦକୁ ମୁକାବିଲା କରିବା ପାଇଁ ତାହା ଏକ ସୁସଜ୍ଜିତ ସୈନିକ ଭଳି ଜଗି ଠିଆହୁଏ । ଯଦି ପବିତ୍ର କୁରଆନ ନିଜର ଯଥୋଚିତ ତଥ୍ୟ ଓ ରହସ୍ୟମୟ ବାସ୍ତବିକତା ଦୃଷ୍ଟିରୁ ସୀମିତ ହୋଇଥା'ନ୍ତା, ତେବେ ତାହାକୁ ସେଭଳି ପରିପୂର୍ଣ୍ଣ ଓ ଅଲୌକିକ ଗ୍ରନ୍ଥ ବୋଲି ବିବେଚନା କରାଯାଆନ୍ତା ନାହିଁ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୩, ପୃ. ୨୫୫-୨୫୬; ଅଜାଲା ଏ ଅଉହାମ, ଗ୍ରନ୍ଥଖଣ୍ଡ ୧, ପୃ. ୧୫୫-୧୫୬)**

ପବିତ୍ର କୁରଆନ ଏପରି ଏକ ଅଲୌକିକ ପୁସ୍ତକ ଯାହାର ଅନୁରୂପ କେବେ ନଥିଲା କି ଆଉ କେବେ ହେବ ନାହିଁ । ଏଥିରେ ଥିବା ଆଶୀର୍ବାଦ ଓ ବଦାନ୍ୟତା ଶାଶ୍ୱତ । ଇସ୍‌ଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ଏହା ଯେପରି ପ୍ରକାଶମାନ ଓ ତେଜୀୟାନ୍ ଥିଲା, ତା'ପରେ ମଧ୍ୟ ସବୁବେଳେ ଏହା ସେହିପରି ଅଛି । ଏହା ଅବଶ୍ୟ ମନେ ରଖିବାକୁ ହେବ ଯେ ଜଣେ ଲୋକର ସଂକଳ୍ପ, ରୁଚି ଓ ଉଦ୍ଦେଶ୍ୟ ଯେତେ ଉଚ୍ଚକୋଟୀର ହେବ ଠିକ୍ ସେହି ଅନୁପାତରେ ତାହାର ବକ୍ତବ୍ୟ ମଧ୍ୟ ଉଚ୍ଚକୋଟୀର ହେବ । ତା'ର ରୁଚି, ଉଦ୍ଦେଶ୍ୟ ଓ ପ୍ରେରଣା ଯେତେ ଉନ୍ନତ ହେବ, ତା' ବକ୍ତବ୍ୟରେ ମାନ ମଧ୍ୟ ସେତିକି ଉନ୍ନତ ଓ ଚମତ୍କାର ହେବ । ଦିବ୍ୟ ପ୍ରକଟନ ମଧ୍ୟ ସେହି ପ୍ରକାର ହୋଇଥାଏ । ଦିବ୍ୟ ପ୍ରକଟନରେ ପ୍ରାପ୍ତିକର୍ତ୍ତାଙ୍କ ରୁଚି ଯେତେ ଉଚ୍ଚ ଧରଣର, ଅଲ୍ଲାଃଙ୍କ ବାଣୀର ମାନ ସେତିକି ଉଚ୍ଚ ଧରଣର ତଥା ସେତିକି ମହାନ୍ । ତାଙ୍କର ସଂକଳ୍ପ, ରୁଚି ଓ ଉଦ୍ଦେଶ୍ୟ ବ୍ୟାପକତାର ଅନୁପାତରେ ସେ (ଅର୍ଥାତ୍ ହଜରତ ମୁହମ୍ମଦ) ଯେଉଁ ସବୁ ଦିବ୍ୟ ବାଣୀ ଲାଭ କରୁଥିଲେ, ତାହା ଅତି ଉଚ୍ଚକୋଟୀର । ତେଣୁ ଏ ବିଷୟରେ ତାଙ୍କ ସହ ସମାନ ହେଲା ଭଳି ଆଉ କେହି କେବେ ଜନ୍ମ ହେବେ ନାହିଁ ।

**(ମଲଫୁଜାତ, ଗ୍ରନ୍ଥଖଣ୍ଡ ୩, ପୃ. ୫୭)**

ଆମେ ସତ କହୁଛୁ, ଏବଂ ଯେ କୌଣସି ପରିସ୍ଥିତିରେ ମଧ୍ୟ ସତ କହିବାରୁ ବିରତ ହୋଇପାରିବୁ ନାହିଁ । ଯଦି ପବିତ୍ର ରସୁଲ[ସଅ]ଙ୍କର ଆବିର୍ଭାବ ହୋଇ ନଥା'ନ୍ତା, ଯଦି ପବିତ୍ର କୁରଆନ ପ୍ରକଟିତ ହୋଇ ନଥା'ନ୍ତା, ଯଦି ତାହାର ବଳିଷ୍ଠ ପ୍ରଭାବକୁ ଆମର ବୟୋଜ୍ୟଷ୍ଠ

ବ୍ୟକ୍ତିମାନେ ଓ ଆଧ୍ୟାତ୍ମିକ ନେତୃବୃନ୍ଦ ଦେଖି ନଥା'ନ୍ତେ ଏବଂ ଯାହାକୁ ଆଜି ବି ଆମେମାନେ ଦେଖି ଆସୁଛୁ । ତେବେ କେବଳ ବାଇବେଲ୍‌ର ବିବରଣୀକୁ ଭିତ୍ତିକରି ଆମମାନଙ୍କ ପକ୍ଷରେ ଏ ବିଷୟ ବୁଝିପାରିବା ଅତ୍ୟନ୍ତ କଷ୍ଟକର ହୋଇଥା'ନ୍ତା ଯେ ହଜରତ ମୁସା ଓ ହଜରତ ଇସା ତଥା ପୂର୍ବକାଳର ଅନ୍ୟାନ୍ୟ ଅବତାର ବାସ୍ତବରେ ସେହି ପବିତ୍ର ଓ ଧର୍ମପ୍ରାଣ ଗୋଷ୍ଠୀ ମଧ୍ୟରୁ ଥିଲେ, ଯେଉଁମାନଙ୍କୁ ଅଲ୍ଲାଃ ନିଜର ସ୍ୱତନ୍ତ୍ର କୃପା ବଳରେ ନବୀପଦରେ ଅଧିଷ୍ଠିତ କରିବାକୁ ମନୋନୀତ କରିଥିଲେ । ପବିତ୍ର କୁରଆନ ଅନ୍ତର୍ଭୁକ୍ତ ଏହି ଆଧ୍ୟାତ୍ମିକ କୃପାକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏହା ସବୁ ଯୁଗରେ ନିଜର ଆଲୋକ ପ୍ରଦାନ କରିଆସିଛି ଏବଂ ତାପରେ ନିଜର ସେହି ପରିପୂର୍ଣ୍ଣ ଆଲୋକ ସାହାଯ୍ୟରେ ଅତୀତର ଅବତାରମାନଙ୍କ ସତ୍ୟତା ସମ୍ବନ୍ଧରେ ଆମମାନଙ୍କର ହୃଦ୍‌ବୋଧ କରାଇଛି । ଏହି କୃପା କେବଳ ଆମମାନଙ୍କୁ ପ୍ରଦର୍ଶନ କରାଯାଇ ନାହିଁ, ବରଂ ହଜରତ ଆଦମ[ଅସ]ଙ୍କ ସମୟରୁ ହଜରତ ମୁହମ୍ମଦ[ସଅ]ଙ୍କ ଆଗମନ ପର୍ଯ୍ୟନ୍ତ, ହଜରତ ଇସା[ଅସ]ଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଅତୀତରେ ଯେତେ ଅବତାର ଆସିଛନ୍ତି, ସେ ସମସ୍ତଙ୍କୁ ମଧ୍ୟ କୃପା ପ୍ରଦର୍ଶନ କରାଯାଇଛି । (ଉପର୍ଯ୍ୟୁକ୍ତ ଅବତାରମାନଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ବିରାଜିତ ହେଉ) ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୧, ପୃ. ୨୯୦; ବ୍ରାହିନ-ଏ-ଅହମଦିୟା ;
ପାଦଟୀକା ୨୬୦-୨୬୧)

ہے قصور اپنا ہی اَندھوں کا وَگرنہ وہ نور ایسا چمکا ہے کہ صد نیّرِ بیضا نکلا
زندگی ایسوں کی کیا خاک ہے اِس دنیا میں جن کا اِس نور کے ہوتے بھی دِلِ اعمیٰ نکلا

(روحانی خزائن جلد ا براہین احمدیہ حصہ سوم حاشیہ در حاشیہ صفحہ ۳۰۵-۳۰۶)

ହୈ କସୁର୍ ଅପ୍‌ନା ହୀ ଅନ୍ଧୋଁ କା    ୱଗର୍ ନା ୱେ ନୁର୍ ।
ଐସା ଚମ୍‌କା ହୈ କି ସଦ୍ ନୟରେ    ବୈଜା ନିକଲା ।।
ଜିନ୍ଦେଗୀ ଐଶୋଁ କି କ୍ୟା ଖାକ୍    ହୈ ଇସ୍ ଦୁନିଆ ମେଁ ।
ଜିନକା ଇସ୍ ନୁର୍‌କେ ହୋତେ ଭି    ଦିଲ୍‌ଆମା ନିକଲା ।।

ନିଜ ଦୋଷେ ସିନା    ଦେଖି ନପାରନ୍ତି
ଅନ୍ଧମାନେ ତା'ର ଜ୍ୟୋତି
ଝଟକୁଛି ସିଏ    ଶତ ସୂର୍ଯ୍ୟ ପ୍ରାୟ
ଜ୍ୟୋତି ତା'ର ଅସରନ୍ତି ।

କେତେ ହୀନମାନ　　　ଅଟଇ ଜୀବନ
ଏ ଜଗତର ବାସୀଙ୍କର
ଜ୍ୟୋତି ଅଧିକାରୀ　　　ଥାଇ ବି ହୃଦୟ
ଦେଖି ପାରୁନି ସଂସାର ।।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୧, ପୃ. ୩୦୫-୩୦୬; ବ୍ରାହିନ-ଏ-ଅହମଦିୟା, ଭାଗ ୩, ପୃ ୨୭୫, ପାଦଟୀକା, ପ୍ରଥମ ସଂସ୍କରଣ)

اے عزیزو سُنو کہ بے قُرآں　حق کو ملتا نہیں کبھی انساں
دِل میں ہر وقت نور بھرتا ہے　سینہ کو خوب صاف کرتا ہے
اس کے اَوصاف کیا کروں میں بیاں　وہ تو دیتا ہے جاں کو اور اِک جاں
وہ تو چمکا ہے نیّرِ اکبر　اس سے انکار ہو سکے کیونکر
بحرِ حِکمت ہے وہ کلام تمام　عِشقِ حق کا پِلا رہا ہے جام
دردمندوں کی ہے دَوا وہی ایک　ہے خدا سے خدا نما وہی ایک
ہم نے پایا خورِ ہُدٰی وہی ایک　ہم نے دیکھا ہے دِلرُبا وہی ایک
اُس کے مُنکر جو بات کہتے ہیں　یُوںہی اِک واہیات کہتے ہیں

(روحانی خزائن جلد ا براہین احمدیہ حصّہ سوم حاشیہ در حاشیہ صفحہ -۳۰۰۲۹۹)

ଅଏ ଅଜିଜୋ !　　　ସୁନୋ କେ ବେ କୁର୍ଆଁ ।
ହକ୍ କୋ ମିଲତା ନେହିଁ　　　କଭି ଇନସାଁ
ଦିଲ୍‌ମେ ହର୍ ୱକ୍ତ୍　　　ନୁର୍ ଭର୍‌ତା ହୈ
ସିନା କୋ ଖୁବ୍　　　ସାଫ କରତା ହୈ
ଉସ୍‌କେ ଔସାଫ୍　　　କ୍ୟା କରୁଁ ମେଁ ବୟାଁ
ୱହ ତୋ ଦେତା ହୈ　　　ଜାଁ କୋ ଔର ଇକ୍ ଜାଁ
ୱହ ତୋ ଚମ୍‌କା ହୈ　　　ନୟରେ ଅକବର
ଉସ୍ ସେ ଇନକାର୍　　　ହୋସକେ କ୍ୟୁଁ କର୍
ବହରେ ହିକମତ୍ ହୈ　　　ୱହ କଲାମ୍ ତମାମ୍
ଇଶ୍‌କେ ହକ୍ କା　　　ପିଲା ରହା ହୈ ଜାମ୍

ଦର୍ଦ୍‌ମନ୍ଦୋଁ କି ହୈ ଦୱ୍ୱା ୱ୍ୱହି ଏକ୍
ହୈ ଖୁଦା ସେ ଖୁଦାନୁମା ୱ୍ୱହି ଏକ୍
ହମ୍‌ନେ ପାୟା ଖୁରେ ହୁଦା ୱ୍ୱହି ଏକ୍
ହମ୍‌ନେ ଦେଖା ହୈ ଦିଲରୁବା ୱ୍ୱହି ଏକ୍
ଉସକେ ମୁନକିର୍ ଯୋ ବାତ୍ କହ୍‌ତେ ହେଁ
ୟୁଁହି ଇକ୍ ୱ୍ୱାହିୟାତ୍ କହତେ ହେଁ

ବିନା କୁରଆନରେ ପାଇବନି ସତ୍ୟ
ଶୁଣିଥାଆ ଆହେ ବନ୍ଧୁଗଣ
ସଦା ସେ ଭରଇ ମନରେ ଆଲୋକ
କରଇ ହୃଦୟ ପରିଚ୍ଛନ୍ନ ॥
ଯେତେ ସବୁ ଗୁଣ ତା'ଭିତରେ ଅଛି
ବର୍ଣ୍ଣିବାକୁ ଭାଷା ନାହିଁ ମୋର
ଦିଏ ସେ ଗୋଟିଏ ପରାଣକୁ ପୁଣି
ଆଉ ଏକ ପ୍ରାଣ ନିରନ୍ତର ॥
ମଝି ଆକାଶର ସ୍ୱରୂପ ପରାଏ
ଆଲୋକ କରୁଛି ବିକିରଣ
ତା'ର ଆଲୋକକୁ ଅସ୍ୱୀକାର କରି
ପାରିବାରକୁ ଅଛି କେଉଁ ଜନ ॥
ପ୍ରତିଟି ଶବ୍ଦରେ ପୂରି ରହିଅଛି
ସାଗରେ ସାଗରେ ତତ୍ତ୍ୱଜ୍ଞାନ
ପରମେଶ୍ୱରଙ୍କ ପୀରତି ପୂରାଇ
ପାତ୍ରେ ପାତ୍ରେ କରାଉଛି ପାନ ॥
ସେହି ଏକମାତ୍ର ଦୁଃଖୀଙ୍କ ଔଷଧ
ଅଟେ ପୁଣି ପ୍ରଭୁ ନିଦର୍ଶନ
ତାଙ୍କ ଠାରୁ ଆସି ତାଙ୍କୁ ହିଁ ଚିହ୍ନାଏ
କରେ ସତପଥ ପ୍ରଦର୍ଶନ ॥

ଯେଉଁମାନେ ତା'ର ଗୁଣ ଅନାଦରି
ଯାହାକିଛି ଅବା କହୁଛନ୍ତି
କହିବାକୁ କିଛି ନଥିବାରୁ ଖାଲି
ଅବାନ୍ତର କଥା ବକୁଛନ୍ତି ॥

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧, ପୃ. ୨୯୯-୩୦୦; ବ୍ରାହିନ ଏ ଅହମଦିୟା ; ପାଦଟୀକା ସଂ. ୨, ପୃ. ୨୬୯, ପ୍ରଥମ)**

ଯେତେଗୁଡ଼ିଏ ପୁସ୍ତକକୁ ଦିବ୍ୟ ପ୍ରକଟନ ବୋଲି କୁହାଯାଉଥିବା ଆମେ ଦେଖିବାକୁ ପାଉଛୁ, ତନ୍ମଧ୍ୟରୁ କେବଳ ପବିତ୍ର କୁରଆନ ଅଲ୍ଲାଃଙ୍କ ପ୍ରକଟିତ ପୁସ୍ତକ ବୋଲି ହେଉଥିବା ଦାବି ହିଁ ଅକାଟ୍ୟ ଯୁକ୍ତି ଦ୍ୱାରା ସତ୍ୟ ସାବ୍ୟସ୍ତ ହୋଇଛି । ଏଥିରେ ମୋକ୍ଷ ସଂକ୍ରାନ୍ତରେ ଯେଉଁ ନୀତି ବର୍ଣ୍ଣନା କରାଯାଇଛି, ତାହା ସତ୍ୟ ସହିତ ଓ ମଣିଷର ପ୍ରକୃତି ସହିତ ଯଥାଯଥ ଭାବେ ମେଳ ଖାଉଛି । ଏଥିରେ ଉପସ୍ଥାପିତ କରାଯାଇଥିବା ସିଦ୍ଧାନ୍ତଗୁଡ଼ିକ ଏପରି ପରିପୂର୍ଣ୍ଣ ଓ ସୁପ୍ରତିଷ୍ଠିତ ଯେ ସେଗୁଡ଼ିକ ଶକ୍ତିଶାଳୀ ଓ ଅକାଟ୍ୟ ପ୍ରମାଣ ଦ୍ୱାରା ସମର୍ଥିତ ହେଉଛି । ତଦନ୍ତର୍ଗତ ନିର୍ଦ୍ଦେଶାବଳୀ କେବଳ ସତ୍ୟ ଉପରେ ଆଧାରିତ ନୁହେଁ ବରଂ ତାହାର ଶିକ୍ଷା ପ୍ରତିମା ପୂଜା, ନୂତନ ରୀତିନୀତିର ପ୍ରବର୍ତ୍ତନ ଓ ଜୀବ ଉପାସନାରୁ ସମ୍ପୂର୍ଣ୍ଣ ମୁକ୍ତ । ଏହା ଏପରି ଏକ ପୁସ୍ତକ, ଯହିଁରେ ଏକେଶ୍ୱରବାଦ ତଥା ଅଲ୍ଲାଃଙ୍କର ମହିମା ପ୍ରଦର୍ଶିତ କରାଇବା ଏବଂ ଏକ ଓ ଏକମାତ୍ର ଅଲ୍ଲାଃଙ୍କର ସଦ୍‌ଗୁଣାବଳୀର ପରିପୂର୍ଣ୍ଣତା ଉପରେ ଗୁରୁତ୍ୱ ଆରୋପ କରିବା ପାଇଁ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରାଯାଇଛି । ଏହି ପୁସ୍ତକରେ କେବଳ ବିଶୁଦ୍ଧ ଏକେଶ୍ୱରବାଦ ସମ୍ବନ୍ଧରେ ପୂର୍ଣ୍ଣମାତ୍ରାରେ ଶିକ୍ଷା ରହିଅଛି ଏବଂ ସେହି ମହାନ୍ ସ୍ରଷ୍ଟାଙ୍କ ବିରୁଦ୍ଧରେ ଆରୋପ କରାଯାଇଥିବା ଯେ କୌଣସି ପ୍ରକାର କଳଙ୍କ, ଦୋଷ, ତ୍ରୁଟି ବା ଅପବାଦକୁ ସେଥିରେ ସ୍ଥାନ ଦିଆଯାଇ ନାହିଁ, ଯାହା କି ଏହି ମହାନ୍ ଗ୍ରନ୍ଥର ବୈଶିଷ୍ଟ୍ୟ । ବଳପୂର୍ବକ କୌଣସି ମତବାଦକୁ ସ୍ୱୀକାର କରାଇନେବା ଏହାର ଅଭିପ୍ରାୟ ନୁହେଁ । ବରଂ ଏହା ଯେଉଁ ବିଷୟରେ ଶିକ୍ଷା ଦାନ କରେ, ତାହାର ଯଥାର୍ଥତାକୁ ପ୍ରମାଣ କରିବାପାଇଁ ଯୁକ୍ତି ଓ କାରଣମାନ ଦର୍ଶାଏ । ଏହା ବଳିଷ୍ଠ ଯୁକ୍ତି ଓ ଦୃଢ଼ ପ୍ରମାଣ ଦ୍ୱାରା ନିଜର ଲକ୍ଷ୍ୟ ଓ ଅଭିପ୍ରାୟକୁ ପ୍ରମାଣିତ କରେ । ଏଥିରେ ଯେଉଁ ସବୁ ନୀତି ବୟାନ କରା ଯାଇଛି ତନ୍ମଧ୍ୟରୁ ପ୍ରତିଟିକୁ ଭଲ ଭାବରେ ବୁଝାଇ ଦେବାପାଇଁ ଏହା ସୁସ୍ପଷ୍ଟ ଯୁକ୍ତି ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ମଣିଷକୁ ଦୃଢ଼ ଧର୍ମବିଶ୍ୱାସ ଓ ସମ୍ପୂର୍ଣ୍ଣ ଜ୍ଞାନ ପର୍ଯ୍ୟନ୍ତ ପହଞ୍ଚାଇ ଦିଏ । ଲୋକମାନଙ୍କ ବିଶ୍ୱାସ, ଅଭ୍ୟାସ, କର୍ମ ଓ କଥନକୁ ଯେଉଁସବୁ ଦୋଷତ୍ରୁଟି ଅପବିତ୍ରତା ଓ ଅନିୟମିତତା ପ୍ରପୀଡ଼ିତ କରୁଛି, ସେ

ସବୁକୁ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରି ଦୂର କରୁଛି । ମଣିଷକୁ ମଣିଷ ହେବାପାଇଁ ଯେଉଁସବୁ ଶିଷ୍ଟାଚରର ପ୍ରୟୋଜନ ଅଛି, ଏହା ସେ ସବୁ ବିଷୟରେ ଶିକ୍ଷାଦାନ କରେ । ଆଜି ଯେପରି ଅତି ଦ୍ରୁତ ଗତିରେ ବିଶୃଙ୍ଖଳ ଓ ଉପଦ୍ରବ ବ୍ୟାପି ଯାଉଛି, ଠିକ୍ ସେହିପରି ଦ୍ରୁତ ଗତିରେ ଦୃଢ଼ତା ସହକାରେ ଏହା ପ୍ରତିଟିକୁ ମୁକାବିଲା କରୁଛି । ଏହାର ଶିକ୍ଷା ଏପରି ସରଳ, ସୁଷମ ଓ ଶକ୍ତିଶାଳୀ, ସତେ ଯେପରି ଏହା ନିଜେ ପ୍ରକୃତିର ଦର୍ପଣ ତଥା ପ୍ରାକୃତିକ ବିଧାନର ଏକ ଅବିକଳ ନକଲ । ଅନ୍ତଃଚକ୍ଷୁ ତଥା ଅନୁଭୂତିକ୍ଷମ ହୃଦୟ ପାଇଁ ଏକ ଜ୍ଞାନାଲୋକ ପ୍ରଦାୟକ ସୂର୍ଯ୍ୟ ସଦୃଶ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧, ପୃ. ୮୧-୮୨; ବ୍ରାହିନ ଏ ଅହମଦିୟା, ପୃ. ୯୧-୯୨, ପ୍ରଥମ ସଂସ୍କରଣ)

# ବିଶ୍ୱର ଧର୍ମମାନ

ଯେଉଁସବୁ ନୀତି ପ୍ରତି ସୁଦୃଢ଼ ରହିବାକୁ ମୋତେ ନିର୍ଦ୍ଦେଶ ଦିଆଯାଇଛି, ତନ୍ମଧ୍ୟରୁ ଗୋଟିକୁ ନିଜେ ଅଲ୍ଲାଃ ମୋ ନିକଟରେ ନିର୍ଦ୍ଦିଷ୍ଟ ଭାବେ ପ୍ରକଟିତ କରିଛନ୍ତି । ତା ହେଉଛି, ଅଲ୍ଲାଃ ତାଙ୍କ ଅବତାରମାନଙ୍କ ମାଧ୍ୟମରେ ଯେଉଁସବୁ ଧର୍ମ ପ୍ରକଟିତ କରିଛନ୍ତି ଓ ଯହିଁରେ ନିମ୍ନୋକ୍ତ ଲକ୍ଷଣମାନ ରହିଅଛି, ସେଗୁଡ଼ିକ ମଧ୍ୟରୁ କୌଣସିଟିକୁ ମୌଳିକ ଉପାଦାନ ଦୃଷ୍ଟିରୁ ମିଥ୍ୟା ବୋଲି ଘୋଷଣା କରିବାକୁ ମୋତେ ବାରଣ କରାଯାଇଛି । ସେହି ଲକ୍ଷଣଗୁଡ଼ିକ ହେଉଛି, ସେପରି ଧର୍ମ ପୃଥିବୀର ବିଭିନ୍ନ ଅଞ୍ଚଳରେ ପ୍ରସାର ଲାଭ କରିଛ । ସମସ୍ତ ପ୍ରକାର ଆହ୍ୱାନର ମୁକାବିଲା କରି ଏବେ ବି ତିଷ୍ଠି ରହିଛି, ପ୍ରତିଷ୍ଠା ଲାଭ କରିଛି ଓ ସୁଦୃଢ଼ ହୋଇଛି । ଦୀର୍ଘ କାଳ ହେଲା ସମୟର ରଥଚକ୍ର ତଳେ ନିଷ୍ପେଷିତ ହେବା ସତ୍ତ୍ୱେ, ସେମାନଙ୍କର ପରିପକ୍ୱତା ଆସିଛି ଓ କୃତିଗୁଡ଼ିକ ଏଯାବତ୍ ବଞ୍ଚି ରହିଛି । ଉପରୋକ୍ତ ନୀତି ଅନୁସାରେ ସେହି ସବୁ ଧର୍ମ ନିଶ୍ଚିତ ରୂପେ ସତ୍ୟ ଏବଂ ସେଗୁଡ଼ିକର ପ୍ରତିଷ୍ଠାତାମାନେ ମଧ୍ୟ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ପ୍ରେରିତ ସତ୍ୟନିଷ୍ଠ ଅବତାର ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୨, ପୃ. ୨୫୬; ତୋହଫା କୈସରିୟା, ପୃ. ୪)

ଏହି ନୀତି ଅତ୍ୟନ୍ତ ଚିତ୍ତାକର୍ଷକ ଓ ଶାନ୍ତି ପ୍ରଦାୟକ । ଏହା ବିଭିନ୍ନ ଜାତି ମଧ୍ୟରେ ସମନ୍ୱୟ ସ୍ଥାପନର ଭିତ୍ତିଭୂମି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଉତ୍ତମ ଓ ଚରିତ୍ରିକ ଦୃଷ୍ଟିଭଙ୍ଗୀକୁ ପ୍ରୋତ୍ସାହିତ କରିଥାଏ । ଅବତାରମାନେ ଭାରତ, ପାରସ୍ୟ, ଚୀନ ବା ଅନ୍ୟ ଯେ କୌଣସି

ଦେଶରେ ଆବିର୍ଭାବ ହୋଇଥାନ୍ତୁ ପଛେ, ଯେହେତୁ ଅଲ୍ଲାଃ କୋଟି କୋଟି ଲୋକଙ୍କ ହୃଦୟରେ ସେମାନଙ୍କ ସମ୍ମାନ ଓ ପ୍ରତିଷ୍ଠାକୁ ସ୍ଥାନ ଦେଇଛନ୍ତି ଏବଂ ସେମାନଙ୍କ ଧର୍ମର ମୂଳଭିତ୍ତିକୁ ମଜଭୁତ କରି ଗଢ଼ିଛନ୍ତି, ତେଣୁ ଏହି ନୀତିକୁ ଅବଲମ୍ବନ କରି ଆମେ ସମସ୍ତ ଅବତାରଙ୍କୁ ସତ୍ୟନିଷ୍ଠ ବୋଲି ସ୍ୱୀକାର କରୁଅଛୁ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୨, ପୃ. ୨୫୯; ତୋହଫା କୈସରିୟା; ପୃ. ୭)

# ମାନବ ସମାଜ ପ୍ରତି ସହାନୁଭୂତି

ସମଗ୍ର ମାନବ ସମାଜ ପ୍ରତି ସହାନୁଭୂତିଶୀଳ ହେବା ଆମର ନୀତି । ଯଦି କୌଣସି ହିନ୍ଦୁ ଘରେ ନିଆଁ ଲାଗିଥିବାର କେହି ଦେଖେ ଓ ସେ ସେହି ନିଆଁ ଲିଭାଇବାକୁ ଆଗେଇ ଆସେ ନାହିଁ, ତେବେ ମୁଁ ସତ କହୁଛି, ସେହି ଲୋକ ନିଶ୍ଚିତ ରୂପେ ମୋର ନୁହେଁ । ଯଦି କେହି ଅନ୍ୟ ଜଣେ ଖ୍ରୀଷ୍ଟିୟାନକୁ ହତ୍ୟା କରାଯିବା ପାଇଁ ଉଦ୍ୟମ ହେଉଥିବାର ମୋର କୌଣସି ଅନୁଗାମୀ ଦେଖିବା ପରେ ସେହି ଖ୍ରୀଷ୍ଟିୟାନକୁ ରକ୍ଷା କରିବାକୁ ଚେଷ୍ଟା କରେ ନାହିଁ, ତେବେ ମୁଁ ସତ କହୁଛି, ସେ ଆମମାନଙ୍କ ମଧ୍ୟରୁ ନୁହେଁ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୧୨, ପୃ. ୨୮; ସିରାଜୁମ ମୁନିର, ପୃ. ୨୬)

ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଓ ଆର୍ଯ୍ୟସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବସମାଜକୁ ଏପରି ଭାବରେ ପ୍ରେମ କରେ ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ, ବରଂ ତା'ଠାରୁ ଅଧିକ । ମୁଁ କେବଳ ସେହି ସବୁ ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ । ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର ପରମ କର୍ତ୍ତବ୍ୟ । ମିଥ୍ୟାକୁ ସ୍ୱୀକାର ନକରିବା ମୋର ନୀତି । ମୁଁ ମୂର୍ତ୍ତି ପୂଜା, ଅତ୍ୟାଚାର, ଅସଦାଚାର, ଅନ୍ୟାୟ ଓ ବ୍ୟଭିଚାରକୁ ପ୍ରତ୍ୟାଖ୍ୟାନ କରୁଛି ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୭, ପୃ. ୩୪୪; ଅରବୈନ, ଭାଗ ୧, ପୃ. ୨)

# ଅହମଦିୟା ସମ୍ପ୍ରଦାୟର ଭବିଷ୍ୟତ

ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଦୃଢ଼ତା ସହକାରେ ଘୋଷଣା କରୁଛି ଯେ ମୁଁ ସତ୍ୟ ଉପରେ ପ୍ରତିଷ୍ଠିତ । ମୁଁ ଅଲ୍ଲାଃଙ୍କ କୃପାରୁ ଏହି ସଂଗ୍ରାମରେ ନିଶ୍ଚିତ ବିଜୟୀ ହେବି । ମୁଁ ମୋର ସୁଦୂରପ୍ରସାରୀ ଦୃଷ୍ଟିର ସହାୟତାରେ ଲକ୍ଷ୍ୟ କରିପାରୁଛି ଯେ ପରିଶେଷରେ ସମସ୍ତେ ମୋ ସତ୍ୟର ପରିସର ଭୁକ୍ତ ହେବେ । ମୋ ପାଇଁ ଏକ ବିରାଟ ସଫଳତା ଲାଭ କରିବାର ସମୟ ଆସନ୍ନ । କାରଣ ମୁଁ ଯାହାକିଛି କରୁଛି ତାକୁ ସମର୍ଥନ କରି ଅନ୍ୟ ଏକ ସ୍ୱର ଶୁଣିବାକୁ ମିଳୁଛି । ମୋ ହାତକୁ ମଜଭୁତ କରିବା ପାଇଁ ଅନ୍ୟ ଏକ ହାତ ସତତ କାର୍ଯ୍ୟରତ ଅଛି । ଏହାକୁ ଅବଶ୍ୟ ସଂସାରବାସୀ ଦେଖୁନାହାନ୍ତି, କିନ୍ତୁ ମୁଁ ଦେଖିପାରୁଛି । ମୋ ଭିତରେ ଏକ ଦିବ୍ୟଶକ୍ତିର ସ୍ୱର ସ୍ପନ୍ଦିତ ହେଉଛି, ଯାହା ମୋର ପ୍ରତିଟି ଶବ୍ଦକୁ ଓ ପ୍ରତିଟି ଅକ୍ଷରକୁ ଜୀବନ ଦାନ କରୁଛି । ଆକାଶରେ ଏପରି ଏକ ଅସ୍ଥିରତା ଓ ଅଲୋଡ଼ନ ସୃଷ୍ଟି ହୋଇଛି ଯାହା ମୋ ଭଳି ମୁଠାଏ ମାଟିକୁ ଏକ କ୍ରୀଡନକ ସଦୃଶ ପ୍ରତିଷ୍ଠିତ କରାଇଛି । ବସ୍ତୁତଃ ଏହି କ୍ରୀଡ଼ନକର ଗତିବିଧିକୁ ଉପରୁ ପରିଚାଳିତ କରାଯାଉଛି । ଯେଉଁମାନଙ୍କ ପାଇଁ ଏଯାବତ୍ ଅନୁତାପର ଦ୍ୱାର ବନ୍ଦ ହୋଇଯାଇ ନାହିଁ, ସେମାନେ ଶୀଘ୍ର ଦେଖିବାକୁ ପାଇବେ ଯେ ମୁଁ ନିଜ ଇଚ୍ଛାରେ ସଂସାରକୁ ଆସି ନାହିଁ । ତେବେ ସେମାନଙ୍କର ଆଖି ଏସବୁ ଦେଖି ପାରୁଛି ତ ? କ'ଣ ତାହା ସତ୍ୟନିଷ୍ଠଙ୍କୁ ଚିହ୍ନିପାରୁ ନାହିଁ ? ତେବେ ଯେଉଁମାନେ ଏହି ଦିବ୍ୟ ଆହ୍ୱାନକୁ ଅନୁଭବ କରିପାରୁ ନାହାନ୍ତି, କ'ଣ ସେମାନଙ୍କୁ ଜୀବିତ କହିବା ?

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ, ୩, ପୃ. ୪୦୩; ଅଜାଲା ଏ ଅଉହାମ, ଭାଗ ୩, ପୃ. ୫୬୩, ପ୍ରଥମ ସଂସ୍କରଣ)

ନିଶ୍ଚିତ ରୁହ, ଏହି ବୃକ୍ଷକୁ ନିଜେ ଅଲ୍ଲାଃ ଆପଣ ହସ୍ତରେ ଲଗାଇଛନ୍ତି । ସେ କଦାପି ଏହାକୁ ନଷ୍ଟ ହେବାକୁ ଦେବେ ନାହିଁ । ସେ ଏହାକୁ ପୂର୍ଣ୍ଣ ବିକଶିତ ହେବାର ନ ଦେଖିବା ଯାଏ ସନ୍ତୁଷ୍ଟ ହେବନାହିଁ । ସେ ଦେଖିବେ ଯେ ଏହା ଉପରେ ଭଲ ରୂପେ ଜଳକୁ ସିଞ୍ଚନ କରାଯାଉଛି । ସେ ଏହାର ଚରିପଟେ ଏକ ରକ୍ଷାକାରୀ ବାଡ଼ ନିର୍ମାଣ କରିବେ । ଏହି ରୂପେ ସେ ମୋର ଅନୁଗାମୀମାନଙ୍କର ଆଶ୍ଚର୍ଯ୍ୟଜନକ ଉନ୍ନତି ଓ ସମୃଦ୍ଧି ପ୍ରଦାନ କରିବେ । କ'ଣ ତୁମେମାନେ ସମସ୍ତ ପ୍ରକାର ବଳପ୍ରୟୋଗ କରିନାହଁ ? ଯଦି ଏହି ବୃକ୍ଷ ମଣିଷକୃତ ହୋଇଥା'ନ୍ତା, ତେବେ ଏହା କେବେଠାରୁ କଟା ସରନ୍ତାଣି ଓ ଏହାର ଆଉ ଚିହ୍ନବର୍ଣ୍ଣ ନଥା'ନ୍ତା ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧୧, ପୃ. ୬୪; ଅନଜାମେ ଆଥମ)

# ଅନ୍ତିମ ବିଜୟ

ପୃଥିବୀବାସୀମାନେ ଭାବୁଥିବେ ଯେ ବୋଧହୁଏ ପରିଶେଷରେ ଖ୍ରୀଷ୍ଟଧର୍ମ ସାରା ପୃଥିବୀରେ ବ୍ୟାପିଯିବ ଅଥବା ଶେଷରେ ବୌଦ୍ଧ ଧର୍ମ ସମଗ୍ର ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିବ । କିନ୍ତୁ ସେମାନଙ୍କର ଅନୁମାନ ପ୍ରମାଦପୂର୍ଣ୍ଣ । ମନେରଖ, ଆକାଶରେ କୌଣସି ବିଷୟରେ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ପୃଥିବୀରେ ତାହା ଘଟେ ନାହିଁ । ସ୍ୱର୍ଗର ଅଧିପତିମାନେ ମୋତେ ଜଣାଇଛନ୍ତି ଯେ ପରିଶେଷରେ ଇସଲାମ ଧର୍ମ ଲୋକମାନଙ୍କ ହୃଦୟକୁ ଜୟ କରିବ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୨୧, ପୃ. ୪୨୭; ବ୍ରାହିନ ଏ ଅହମଦିୟା; ଭାଗ ୫)**

ସମଗ୍ର ମାନବସମାଜ ପାଇଁ ସେହି ଆଦରଣୀୟ ଦିବ୍ୟ ବାର୍ତ୍ତାବହ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟତୀତ ଅନ୍ୟ କେହି ବାର୍ତ୍ତାବହ ଓ ସୁପାରିଶକାରୀ ନାହାନ୍ତି । ସୁତରାଂ ତୁମେମାନେ ସେହି ମହାମହିମ ଓ ଗୌରବମୟ ଅବତାରଙ୍କୁ ଗଭୀର ଭାବେ ପ୍ରେମ କରିବାକୁ ଉଦ୍ୟମ କର ଏବଂ ଅନ୍ୟ କାହାରିକୁ କୌଣସି ପ୍ରକାରେ ତାଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଆସନ ଦିଅ ନାହିଁ । ତାହାହେଲେ ଯେଉଁମାନଙ୍କ ନାମ ସ୍ୱର୍ଗରେ ମୋକ୍ଷପ୍ରାପ୍ତ ତାଲିକାରେ ଲିପିବଦ୍ଧ କରାଯାଏ, ସେମାନଙ୍କ ମଧ୍ୟରେ ତୁମମାନଙ୍କ ନାମ ମଧ୍ୟ ଲିପିବଦ୍ଧ ହେବ । ମନେରଖ, ମୋକ୍ଷପ୍ରାପ୍ତି ଏପରି ଏକ ବିଷୟ ନୁହେଁ ଯାହା କେବଳ ମୃତ୍ୟୁ ପରେ ମିଳେ । ବରଂ ପ୍ରକୃତ ମୋକ୍ଷ ତାହା ହିଁ ହେବ, ଯାହା ଏହି ସଂସାରରେ ନିଜ ଆଲୋକ ବିକିରଣ କରିବ । ତେବେ ମୋକ୍ଷପ୍ରାପ୍ତ ବ୍ୟକ୍ତି କିଏ ? ବାସ୍ତବରେ ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତ ହୁଏ, ଯିଏ ବିଶ୍ୱାସ କରେ ଯେ ଅଲ୍ଲାଃ ହିଁ ସତ୍ୟ ଏବଂ ଅଲ୍ଲାଃ ଓ ମାନବସମାଜ ଭିତରେ ହଜରତ ମୁହମ୍ମଦ[ସଅ] ହିଁ ମଧ୍ୟବର୍ତ୍ତୀ ବ୍ୟକ୍ତି ଓ ସୁପାରିଶକାରୀ । ଯିଏ ଆହୁରି ମଧ୍ୟ ବିଶ୍ୱାସ କରେ ଯେ ଏହି ଆକାଶ ତଳେ ତାଙ୍କ ସମକକ୍ଷ ବା ସମାନ ପାହ୍ୟାର ଅନ୍ୟ କୌଣସି ଅବତାର ନାହାନ୍ତି ଓ ପବିତ୍ର କୁରଆନ ସହିତ ସମାନ ମର୍ଯ୍ୟାଦା ଥିବା ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ । ଅଧିକନ୍ତୁ ସେ ଏହା ମଧ୍ୟ ବିଶ୍ୱାସ କରେ ଯେ ଅଲ୍ଲାଃଙ୍କର କୃପା ନୁହେଁ, ତେବେ ଆଉ କ'ଣ ବା ହୋଇପାରେ ? କ'ଣ ସାରା ସଂସାରକୁ ଜ୍ଞାନରେ, ବୁଦ୍ଧିରେ ଓ ବଳରେ ଜୟ କରିବା ତଥା ଅନ୍ୟମାନଙ୍କ ଉପରେ ଶ୍ରେଷ୍ଠତା ଲାଭ କରିବା ଅଲ୍ଲାଃଙ୍କ ସହାୟତା ବିନା ସମ୍ଭବ ହୋଇପାରେ ?

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧, ପୃ. ୧୧୯; ବ୍ରାହିନ ଏ ଅହମଦିୟା; ପୃ. ୧୨୭, ପ୍ରଥମ ସଂସ୍କରଣ)**

ହଜାର ହଜାର ବିପଦ ଓ ଅଗଣିତ ଶତ୍ରୁ ତଥା ଭୟଙ୍କର ବିରୋଧୀ ବ୍ୟକ୍ତିମାନଙ୍କ ଚକ୍ରାନ୍ତ ସତ୍ତ୍ୱେ କିପରି ହଜରତ ମୁହମ୍ମଦ[ସଅ] ଆରମ୍ଭରୁ ଶେଷ ଯାଏ ନିଜ ଅବତାରତ୍ୱ ବା ନବୀ ପଦର ଦାବିରେ ଅଟଳ ଓ ଦୃଢ଼ ସଂକଳ୍ପ ରହିଥିଲେ, ତାହାହିଁ ପ୍ରଣିଧାନ ଯୋଗ୍ୟ । ବହୁ ବର୍ଷ ପର୍ଯ୍ୟନ୍ତ ସେ ଅସରନ୍ତି ଦୁଃଖ ଭୋଗ କରିଥିଲେ ଓ ଅକଥନୀୟ ନିର୍ଯ୍ୟାତନା ସହ୍ୟ କରିଥିଲେ । ଜଣକୁ ସମ୍ପୂର୍ଣ୍ଣ ନିରାଶ କରିଦେବା ଭଳି ଥିଲା ସେହି ଦୁଃଖ । ସେହି ଦୁଃଖର ଅନ୍ତ ନଥିଲା ବରଂ ପ୍ରତିଦିନ ତାହାର କ୍ରମଶଃ ବୃଦ୍ଧି ଘଟୁ ଥିଲା । ଯେଉଁ ଲୋକ ସାଂସାରିକ ମତଲବ ହାସଲ କରିବାକୁ ପ୍ରୟାସୀ ସେ ଦୀର୍ଘକାଳ ପର୍ଯ୍ୟନ୍ତ ସେ ଏପରି ଅକଥନୀୟ ଓ ଅପରିମିତ ଦୁଃଖ ସହ୍ୟ କରିପାରିବ, ଏହା ଅଚିନ୍ତନୀୟ । କେବଳ ସେତିକି ନୁହେଁ, ସେ ନିଜକୁ ଅବତାର ବୋଲି ଦାବି କରିବା ଦ୍ୱାରା ଯେଉଁମାନଙ୍କୁ ତାଙ୍କୁ ପୂର୍ବରୁ ସମର୍ଥନ କରିଥିଲେ ସେ ସେମାନଙ୍କୁ ହରାଇଲେ । ତାଙ୍କର ସେହି ଗୋଟିଏ ଦାବି ଯୋଗୁଁ ତାଙ୍କୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଥିଲା ତା' ହେଉଛି, ସେ ଶତ ସହସ୍ର ବିପତ୍ତିର ସମ୍ମୁଖୀନ ହେଲେ ଏବଂ ଅଗଣିତ ଦୁଃଖ ଦୁର୍ଦ୍ଦଶାକୁ ନିଜ ମସ୍ତକ ଉପରେ ନିପଡ଼ିତ ହେବାକୁ ଦେଲେ, ଯାହାଫଳରେ ତାଙ୍କୁ ନିଜ ଜନ୍ମଭୂମିକୁ ତ୍ୟାଗ କରିବାକୁ ହେଲା । ତାଙ୍କୁ ହତ୍ୟା କରିବା ପାଇଁ ଲୋକମାନେ ତାଙ୍କର ଅନୁଧାବନ କଲେ । ତାଙ୍କ ଗୃହ ଓ ଆସବାବକୁ ନଷ୍ଟ କରି ଦିଆଗଲା ଓ ତାଙ୍କୁ ବିଷ ପ୍ରୟୋଗ କରି ମାରିଦେବା ପାଇଁ ଅନେକ ଚେଷ୍ଟା ହେଲା । ଯେଉଁମାନ ତାଙ୍କର ଶୁଭ ମନାସୁ ଥିଲେ, ସେମାନେ ତାଙ୍କର ଅଶୁଭ କାମନା କରିବାକୁ ଲାଗିଲେ ଓ ଯେଉଁମାନେ ବନ୍ଧୁଥିଲେ ସେମାନେ ଶତ୍ରୁ ପାଲଟିଗଲେ । ଏକ ସୁଦୀର୍ଘ କାଳ ପର୍ଯ୍ୟନ୍ତ ତାଙ୍କୁ ଏପରି ଦୁଃଖ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଲା ଯେ ସେପରି ଦୁର୍ଦ୍ଦଶା ମଧ୍ୟରେ ଦୃଢ଼ତା ସହକାରେ ତିଷ୍ଠି ରହିବା କୌଣସି ପ୍ରତାରକ ବା ଛଳନକାରୀ ପକ୍ଷରେ ଆଦୌ ସମ୍ଭବ ନୁହେଁ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୧, ପୃ.୧୦୮-୧୦୯; ବ୍ରାହିନ ଏ ଅହମଦିୟା, ପୃ. ୧୧୬-୧୧୭, ପ୍ରଥମ ସଂସ୍କରଣ)

مصطفیٰؐ پر ترا بے حد ہو سلام اور رحمت    اس سے یہ نور لیا بارِ خدایا ہم نے
ربط ہے جانِ محمدؐ سے مری جاں کو مدام    دِل کو وہ جام لبا لب ہے پلایا ہم نے

মୁସ୍ତଫା ପର୍ ତେରା ବେହଦ୍ ହୋ    ସଲାମ୍ ଔର ରହମତ୍ ।
ଉସ୍‌ସେ ୟେ ନୁର୍ ଲିୟା    ବାରେ ଖୁଦାୟା ହମ୍‌ନେ ।।
ରବ୍‌ତ ହୈ ଜାନେ ମୁହମ୍ମଦ୍ ସେ    ମେରି ଜାଁ କୋ ମଦାମ୍ ।
ଦିଲ୍ କୋ ଓ୍ୱହ୍ ଜାମ୍ ଲବାଲବ୍    ହୈ ପିଲାୟା ହମ୍‌ନେ ।।

ମୁସ୍ତଫା ଉପରେ ପ୍ରଭୁ ହେ	ହେଉ ତୁମ ଆଶିଷ
ତା'ସଙ୍ଗେ ବିରାଜୁ ଶାନ୍ତି ହେ	କେବେ ନ ହେଉ ଶେଷ ।
ପ୍ରକୃତରେ ତୁମ ଆଲୋକ	ଏହି ଧରା ପୃଷ୍ଠରେ
ପାଇଅଛୁ ଆମେ ପ୍ରଭୁ ହେ	ତାହାଙ୍କ ଜରିଆରେ ।
ମହମ୍ମଦ ପ୍ରାଣ ସହିତ	ଏହି ଅଧମ ପ୍ରାଣ
ଚିରକାଳ ପାଇଁ ବନ୍ଧନେ	ଯୁକ୍ତ ହୋଇଛି ଜାଣ ।
ପିଆଇଲି ମୋର ହୃଦକୁ	ସେହି ପୀରତି ବାରେ
ପୁରାଇ ପୁରାଇ ପିଆଲା	ମୁହିଁ ଭଲ ଭାବରେ ।

(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୫, ପୃ. ୨୨୫; 'ଆଇନା ଏ କମାଲାତ ଏ ଇସଲାମ'ର କବିତା)

وہ پیشوا ہمارا جس سے ہے نور سارا　　نام اُس کا ہے محمدؐ دِلبر مِرا یہی ہے
سب پاک ہیں پیمبر اِک دوسرے سے بہتر　　لیک از خدائے برتر خیر الوریٰ یہی ہے
پہلوں سے خُوبتر ہے، خوبی میں اِک قمر ہے　　اُس پہ ہر اک نظر ہے، بدرالدُّجیٰ یہی ہے
پہلے تو رہ میں ہارے، پار اِس نے ہیں اتارے　　میں جاؤں اِس کے وارے بس نا خدا یہی ہے
وہ یارِ لا مکانی ، وہ دِلبرِ نہانی　　دیکھا ہے ہم نے اُس سے بس رہنما یہی ہے
وہ آج شاہِ دیں ہے، وہ تاجِ مرسلیں ہے　　وہ طیبّ و امیں ہے اس کی ثنا یہی ہے
آنکھ اس کی دُور بیں ہے، دِل یار سے قریں ہے　　ہاتھوں میں شمعِ دیں ہے، عین الضیاء یہی ہے
جو رازِ دیں تھے بھارے، اُس نے بتائے سارے　　دَولت کا دینے والا فرماں روا یہی ہے
اس نور پر فدا ہوں اس کا ہی مَیں ہوا ہوں　　وہ ہے مَیں چیز کیا ہوں بس فیصلہ یہی ہے

(روحانی خزائن جلد ۲۰ قادیان کے آریہ اور ہم صفحہ ۴۵۶)

ୱହ ପେଶ୍ୱା ହମାରା	ଯିସ୍ ସେ ହୈ ନୁର୍ ସାରା ।
ନାମ୍ ଉସ୍କା ହୈ ମୁହମ୍ମଦ	ଦିଲବର୍ ମେରା ୟହି ହୈ ।।
ସବ୍ ପାକ୍ ହୈଁ ପୟମ୍ବର୍	ଇକ୍ ଦୁସରେ ସେ ବେହତର୍ ।
ଲେକ୍ ଅଜ୍ ଖୁଦାଏ ବରତର୍	ଖୈରୁଲ୍ ୱରା ୟହି ହୈ ।।
ପହେଲୋଁ ସେ ଖୁବ୍ତର୍ ହୈ	ଖୁବି ମେଁ ଇକ୍ କମର୍ ହୈ ।
ଉସ୍ ପେ ହରେକ୍ ନଜର୍ ହୈ	ବଦରୁଦ୍ ଦୁଜା ୟେହି ହୈ ।।

ପହେଲେ ତୋ ରାହମେଁ ହାରେ　　　　ପାର୍ ଇସନେ ହେଁ ଉତାରେ ।
ମେଁ ଜାଉଁ ଇସ୍‌କେ ୱାରେ　　　　ବସ୍ ନାଖୁଦା ୟେହି ହୈ ।।
ୱହ ୟାରେ ଲା ମକାନୀ　　　　ୱହ ଦିଲବରେ ନହାନୀ ।
ଦେଖା ହେ ହମ୍‌ନେ ଉସ୍‌ସେ　　　　ବସ୍ ରହନୁମା ୟେହି ହୈ ।।
ୱହ ଆଜ୍ ଶାହେ ଦିଁ ହେ　　　　ୱହ ତାଜେ ମୁର୍‌ସଲିଁ ହେ ।
ୱହ ତୟବ୍ ୱାମିଁ ହୈ　　　　ଉସ୍‌କେ ସନା ୟେହି ହୈ ।।
ଆଁଖ୍ ଉସ୍‌କି ଦୁରବିଁ ହୈ　　　　ଦିଲ ୟାରସେ କରିଁ ହୈ ।
ହାଥୋମେଁ ସମାଏ ଦିଁ ହୈ　　　　ୱୀନୁଜ୍ ଜିୟା ୟହି ହୈ ।।
ଯୋ ରାଜେ ଦିଁ ଥେ ଭାରେ　　　　ଉସନେ ବତାଏ ସାରେ ।
ଦୌଲତ୍ କା ଦେନେ ୱାଲା　　　　ଫରମାଁ ରୱା ୟହି ହୈ ।।
ଉସ ନୁର୍ ପର୍ ଫିଦା ହୁଁ　　　　ଉସ୍‌କା ହୀ ମେଁ ହୁଆ ହୁଁ ।
ୱହ ହୈ ମେଁ ଚିଜ୍ କ୍ୟା ହୁଁ　　　　ବସ୍ ଫଏସଲା ୟହି ହୈ ।।

ଯାହାଙ୍କ ଜ୍ୟୋତିରେ　　　　ଜ୍ୟୋତିର୍ମୟ ଧରା
　　ସେହି ଆମ ଦଳପତି
ନାମ ତାହାଙ୍କର　　　　ଅଟେ ମୁହମ୍ମଦ
　　ମନ ମୋର ମୋହୁଛନ୍ତି ।
ପବିତ୍ର ଅଟନ୍ତି　　　　ଅବତାର ସବୁ
　　ଜଣେ ଅନ୍ୟୁ ଉତକୃଷ୍ଟ
କିନ୍ତୁ ସେ ମହାନ　　　　ପ୍ରଭୁଙ୍କ ନିକଟେ
　　ସୃଷ୍ଟି ମଧ୍ୟେ ସର୍ବଶ୍ରେଷ୍ଠ ।
ପୂର୍ବ ଅବତାର -　　　　ମାନଙ୍କ ମଧ୍ୟରେ
　　ଅଟନ୍ତି ସେ ଶ୍ରେଷ୍ଠତମ
ଧରମ ଜୋଛନା　　　　ଢ଼ାଳନ୍ତି ଧରାରେ
　　ଗୁଣରେ ଶଶାଙ୍କ ସମ ।
ସବୁରି ନଜର　　　　ତାଙ୍କରି ଉପରେ
　　ହୋଇ ଯାଇଅଛି ସ୍ଥିର
ପୂର୍ଣ୍ଣିମା ଚନ୍ଦ୍ର ସେ　　　　ଯାହାଙ୍କ ଜୋଛନା
　　କରାଏ ଅନ୍ଧାର ଦୂର ।

ପୂର୍ବ ସୂରିମାନେ ପଥେ ଥକିଗଲେ
ପାରିକଲେ ଏକା ସେହି
ତେଣୁ ମୋ ଜୀବନ ତାଙ୍କରି ପଥରେ
ସମର୍ପି ଦେଉଛି ମୁହିଁ ।
ସେ ଏକା ସମ୍ପୂର୍ଣ୍ଣ ଅତୁଳନୀୟ ସେ
ସେ ମୁନିବ , ମୁହିଁ ଭୃତ୍ୟ
ପଥ ଦେଖାଇଲେ ପ୍ରଭୁ ଚିହ୍ନାଇଲେ
କରି ମୋତେ କୃତକୃତ୍ୟ ।
ସେ ପ୍ରଭୁ ଅସୀମ ପ୍ରେମ ପ୍ରାଣ ମୟ
ପ୍ରିୟତମ ପ୍ରିୟତମ
ତାହାଙ୍କର ସ୍ଥାନ ତାହାଙ୍କର ସ୍ଥିତି
ହୃଦୟ କନ୍ଦରେ ମମ ।
ମୋ ମୁନିବ ଆଜି ଆଧ୍ୟାତ୍ମିକ ରାଜ୍ୟେ
ରାଜାସନେ ଅଧିଷ୍ଠିତ
ସବୁ ଅବତାର ମଉଡ଼ମଣି ସେ
ସର୍ବ ଜନେ ସୁବିଦିତ ।
ମୋର ମୁନିବଙ୍କ କି ଗୁଣ ଗାଇବି
ସେ ତ ପରମ ପବିତ୍ର
ନରନାରୀ ଅବା ଦେଶବାସୀଙ୍କର
ବିଶ୍ୱାସ ଭାଜନ ପାତ୍ର ।
ଦୃଷ୍ଟି ତାହାଙ୍କର ସୁଦୂର ପ୍ରସାରୀ
ପ୍ରଭୁଙ୍କ ନିକଟେ ମନ
ସ୍ୱୟଂ ଆଲୋକର ଉତ୍ସ ଥାଇ ମଧ୍ୟ
ହାତେ ଧର୍ମ ଦୀପମାନ ।
ଥିଲା ଯାହା ଗୂଢ଼ ଧର୍ମତତ୍ତ୍ୱମାନ
ବଖାଣିଲେ ଆମ ପାଶେ
ସେ ଥିଲେ ଧନର ବିତରଣକାରୀ
ମହାନ ଶାସକ ଦେଶେ ।

ବଞ୍ଚିବି ମରିବି　　　　　　　　ସେହି ଜ୍ୟୋତି ପାଇଁ
ତାଙ୍କରି କେବଳ ମୁହିଁ
ସେ ହିଁ ସବୁ କିଛି　　　　　　　　ମୁଁ ଯେ ଅକିଞ୍ଚନ
ଶେଷ ଅଭିଳାଷ ଏହି ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୨୦, ପୃ. ୪୫, କାଦିୟାନ ମେଁ ଆରିୟା ଔର ହମ ; ପୃ. ୪୦)**

ହଜରତ ଦାଉଦ (ଅଲ୍ଲାଃଙ୍କ ଆଶିଷ ତାହାଙ୍କ ଉପରେ ବିରାଜମାନ ହେଉ) ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତାପ ଓ ମହିମାକୁ ସ୍ୱୀକାର କରି ଜବୁର୍ ଧର୍ମଗ୍ରନ୍ଥର ପଙ୍କ୍ତି ସଂଖ୍ୟା ୪୫ରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି ।

(୧) ପ୍ରକୃତରେ ତୁମେ ସବୁ ମଣିଷଙ୍କ ଭିତରେ ଅଧିକ ସୁନ୍ଦର । ତୁମ ଓଠରୁ ଆଶିଷ ଝରୁଛି; ସେଥିପାଇଁ ପ୍ରଭୁ ତୁମକୁ ଚିରକାଳ ଭାଗ୍ୟବାନ୍ କରାଇଛନ୍ତି ।

(୨) ହେ ବୀର ଶିରୋମଣୀ ! ନିଜ ମର୍ଯ୍ୟାଦା ଓ ନିଜ ଦୀପ୍ତି ସହ ନିଜ ତରବାରୀକୁ ଆପଣା ଜଂଘ ଉପରେ ଝୁଲାଇ ରଖ ।

(୩) ଏବଂ ତୁମେ ନିଜ ତେଜସ୍ୱ ଦୀପ୍ତିରେ ସଫଳତା ଆଡ଼କୁ ଆଗେଇ ଚାଲ; ବିନମ୍ରତା ଓ ଧର୍ମନିଷ୍ଠତାକୁ ପାଥେୟ କରି ସତ୍‌ପଥରେ ଅଗ୍ରସର ହୁଅ; ଏବଂ ତୁମ ଦକ୍ଷିଣ ହସ୍ତ ଭୟ ସଞ୍ଚାରିତ କରି ଉତ୍ତେଜକ କାର୍ଯ୍ୟ କରାଯିବା ପାଇଁ ତୁମକୁ ପ୍ରେରଣା ଦେବ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ ୨, ପୃ. ୨୩୩-୨୩୪ ; ସୁରମା ଚଶମା ଏ ଆରିୟାର ଟୀକା, ପୃ. ୨୮୧-୨୮୨)**

اُس سے بہتر نظر آیا نہ کوئی عالم میں　　لاجَرم غیروں سے دِل اپنا چھڑایا ہم نے
شانِ حق تیرے شمائل میں نظر آتی ہے　　تیرے پانے سے ہی اُس ذات کو پایا ہم نے
چُھو کے دامن ترا ہر دام سے ملتی ہے نجات　　لاَ جرم دَر پہ ترے سَر کو جُھکایا ہم نے
دِلبرا ! مجھ کو قسم ہے تری یکتائی کی　　آپ کو تیری محبّت میں بُھلایا ہم نے
بخدا دِل سے مرے مِٹ گئے سب غیروں کے نقش　　جب سے دِل میں یہ تیرا نقش جمایا ہم نے
ہم ہوئے خیرِ اُمم تجھ سے ہی اے خیرِ رُسل　　تیرے بڑھنے سے قدم آگے بڑھایا ہم نے
آدمی زاد تو کیا چیز فرشتے بھی تمام　　مدح میں تیری وہ گاتے ہیں جو گایا ہم نے

(روحانی خزائن جلد ۵ آئینہ کمالاتِ اسلام صفحہ-۲۲۴۲۲۵)

ଉସ୍‌ସେ ବେହେତର୍ ନଜର୍ ଆୟା ନ କୋଇ ଆଲମ୍ ମେଁ ।
ଲାଜୁରମ୍ ଗୈରୋଁ ସେ ଦିଲ୍ ଅପନା ଛୁଡାୟା ହମନେ ॥
ଶାନେ ହକ୍ ତେରେ ସୁମାଇଲ୍ ମେଁ ନଜର୍ ଆତି ହୈ ।
ତେରେ ପାନେ ସେ ହି ଉସ ଜାତ୍ କୋ ପାୟା ହମନେ ॥
ଛୁକେ ଦାମନ୍ ତେରା ହର ଦାମ୍ ସେ ମିଲତି ହୈ ନିଜାତ ।
ଲାଜରମ୍ ଦର୍‌ପେ ତେରେ ସର୍ କୋ ଝୁକାୟା ହାମନେ ॥
ଦିଲ୍‌ବରା ! ମୁଝକୋ କସମ୍ ହୈ ତେରୀ ୟକ୍‌ତାଇ କୀ ।
ଅପକୋ ତେରି ମୁହବ୍‌ବତ୍ ମେଁ ଭୁଲାୟା ହମନେ ॥
ବଖୁଦା ଦିଲ୍ ସେ ମେରେ ମିଟ୍ ଗୟେ ସବ୍ ଗୈରୋଁ କେ ନକ୍‌ଶ୍ ।
ଯବ୍‌ସେ ଦିଲ୍ ମେଁ ୟେ ତେରା ନକ୍‌ଶ୍ ଜମାୟା ହମନେ ॥
ହମ୍ ହୁଏ ଖୈର ଉମମ୍ ତୁଝସେ ହୀ ଅଏ ଖୈରେ ରସୁଲ ।
ତେରେ ବଢ୍‌ନେ ସେ କଦମ ଆଗେ ବଢାୟା ହମନେ ॥
ଆଦମି ଜାଦ୍ ତୋ କ୍ୟା ଫରିଶ୍‌ତେ ଭି ତମାମ୍ ।
ମଦାମେଁ ତେରି ଓ୍ୱହ ଗାତେ ହେଁ ଯୋ ଗାୟା ହମନେ ॥

ତୁମ ଠାରୁ ଉତକୃଷ୍ଟ ସମଗ୍ର ଜଗତେ
ଜଣେ କେହି ଅଛି ବୋଲି ଦିଶୁ ନାହିଁ ମୋତେ
ସେଥିପାଇଁ ନିଜ ମନ
ପ୍ରକୃତରେ ଅନ୍ୟଠାରୁ କରିଅଛି ଛିନ୍ନ ॥
ଆହେ ପ୍ରିୟତମ ତୁମ ସ୍ୱଭାବ ମଧ୍ୟରେ
ଅଲ୍ଲାଃତାଲାଙ୍କ ମହିମା ମୁହିଁ ଦେଖିପାରେ
କରି ତୁମକୁ ନିଜର
କରି ମୁଁ ପାରିଛି ତାଙ୍କୁ ଅତି ଆପଣାର ॥
ଯେତେସବୁ ପଡ଼ିଅଛି ପ୍ରତାରଣା ଜାଲ
ସ୍ପର୍ଶେ କରି ଆହେ ପ୍ରଭୁ ତୁମ ବସ୍ତ୍ରାଞ୍ଚଳ
ତହୁଁ ହେବି ନିଶ୍ଚିତେ ମୁକ୍ତ
ତେଣୁ ତୁମ ଦ୍ୱାରେ ଶିର କରେ ଅବନତ ॥
ଆହେ ପ୍ରିୟ ତୁମ ନାମେ କରେ ମୁଁ ଶପଥ

ତୁମେ ଅଟ ଅଦ୍ୱିତୀୟ ହେ ଜଗତ ନାଥ
ପ୍ରେମ କରି ମୁଁ ତୁମକୁ
ଭୁଲାଇ ଦେଇଛି ପ୍ରଭୁ ନିଜେ ଆପଣାକୁ ।।
ଯେଉଁ ଦିନ ମୋ ମନରେ ତୁମ ମୁଖ ଶୀରୀ
ପକାଇଛି ଛାପ ଆହେ ଦୟାମୟ ହରି
ସେହି ଦିନୁ ଅନ୍ୟ ଛାପ
ମୋ ମନ ମଧ୍ୟରୁ ହୋଇ ଯାଇଅଛି ଲୋପ ।।
ସବୁ ସମ୍ପ୍ରଦାୟ ମଧ୍ୟେ ହେଲୁ ସର୍ବଶ୍ରେଷ୍ଠ
ତୁମରି କୃପାରୁ ଆହେ ଅବତାର ଶ୍ରେଷ୍ଠ
ବଢ଼ାଇଛୁ ଆମେ ପାଦ
ଯେଉଁପରି ତୁମେ ନିଜ ବଢ଼ାଇଛ ପାଦ ।।
ଆହେ ପ୍ରଭୁ ଯେବେ ତୁମ ଗଉରବ ଗୀତ
ଗାଉଛନ୍ତି ଦେବଦୂତେ ଆମରି ସହିତ
ତେବେ ହେ ଆଦମ ପୁତ୍ର
ଜାଣ ନିଜ ସ୍ଥିତି ତୁହି ଅକିଞ୍ଚନ ମାତ୍ର ।।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୫, ପୃ. ୨୨୫-୨୨୬; ଆଇନା କମାଲାତ୍ ଇସଲାମ)**

ଯଦି ମୁଁ ସମସ୍ତ ଅବତାରଙ୍କ ଗୌରବ, ପୁରୁଷ ଶ୍ରେଷ୍ଠ ଓ ପରମେଶ୍ୱରଙ୍କ ପ୍ରିୟ ତଥା ମୋର ମୁନିବ ହଜରତ ମୁହମ୍ମଦ[ସଅ]ଙ୍କ ପଦାଙ୍କ ଅନୁସରଣ କରି ନଥା'ନ୍ତି, ତେବେ ମୋ ପକ୍ଷରେ ଏହି କୃପା ଲାଭ କରିବା ସମ୍ଭବ ହୋଇ ନ'ଥାନ୍ତା । (ତାହାଙ୍କ ଉପରେ ଅଲ୍ଲାଃଙ୍କର ଶାନ୍ତି ଓ ଆଶିଷ ବିରାଜମାନ ହେଉ) । ତେଣୁ ମୁଁ ଯାହା କିଛି ପାଇଛି, ତାଙ୍କୁ ଅନୁସରଣ କରି ହିଁ ପାଇଛି । ମୁଁ ମୋର ଯଥାର୍ଥ ଓ ପରିପୂର୍ଣ୍ଣ ଜ୍ଞାନ ତଥା ଅନୁଭୂତି ବଳରେ ଜାଣିପାରୁଛି ଯେ କୌଣସି ବ୍ୟକ୍ତି ସେହି ଦିବ୍ୟ ଅବତାର[ସଅ] ଙ୍କୁ ଅନୁସରଣ ନକଲେ ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିପାରିବ ନାହିଁ କି ତାହାଙ୍କ ସମ୍ବନ୍ଧରେ ପରିପକ୍ୱ ଜ୍ଞାନ ହାସଲ କରିପାରିବ ନାହିଁ । ମୁଁ ଏଠାରେ ଆହୁରି ମଧ୍ୟ ଜଣାଇ ଦେବାକୁ ଚାହେଁ ଯେ ସେହି ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ଉପଦେଶ ଓ ଶିକ୍ଷାକୁ ପୂର୍ଣ୍ଣ ପ୍ରାଣରେ ଓ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରିବାପରେ ତୁମମାନଙ୍କୁ ପ୍ରଥମେ ଯେଉଁ ପୁରସ୍କାର ମିଳିବ, ତାହା ହେଉଛି ଯେ ତୁମମାନଙ୍କୁ ଏପରି ଏକ ନୂତନ ହୃଦୟ ଦାନ କରାଯିବ ଯାହା ସବୁବେଳେ ସତ୍‌ପଥ ପ୍ରତି ଅବନତ ରହିବ । ଅର୍ଥାତ୍

ତାହା ଏପରି ହୃଦୟ ଯାହା ସଂସାର ପ୍ରତି ପ୍ରେମରୁ ବୀତସ୍ପୃହ ହେବ ଓ ତତ୍ ପରିବର୍ତ୍ତେ ଏକ ଚିରନ୍ତନ ସ୍ୱର୍ଗୀୟ ଆନନ୍ଦର ଅନ୍ୱେଷଣରେ ଚେଷ୍ଟାରତ ହେବ । ଏହି ଅଭିଳାଷ ପୂର୍ଣ୍ଣ ହେବାପରେ ହୃଦୟ ସେହି ପରିପୂର୍ଣ୍ଣ ଓ ପବିତ୍ରତମ ପ୍ରେମ ଅର୍ଥାତ୍ ପ୍ରଭୁପ୍ରେମ ଲାଭ କରିବାକୁ ସମର୍ଥ ହେବ । ତୁମେମାନେ ହଜରତ ମୁହମ୍ମଦ[ସଅ] ଙ୍କର ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀ ହୋଇଥିବାରୁ ତାହାଙ୍କର ଆଧ୍ୟାତ୍ମିକ ଦାୟାଦ ଭାବରେ ଉତ୍ତରାଧିକାର ସୂତ୍ରେ ଏ ସମସ୍ତ କଲ୍ୟାଣ ଲାଭ କରିବ ।

**(ରୁହାନି ଖଜାଏନ୍, ଗ୍ରନ୍ଥଖଣ୍ଡ : ୨୨, ପୃ. ୬୪-୬୫ ; ହକିକତୁଲ ଓହି)**

❁❁❁❁❁❁❁❁❁